ନବମ ବର୍ଷ, ପ୍ରଥମ ସଂଖ୍ୟା
ଜାନୁଆରୀ ୨୦୧୪

ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ



ଅଭୁଲା ରାତି

ପ୍ରିୟାର ଠିକଣା

ପବିତ୍ର ପାପୀ

ବାହା ଘର

ବେଳେ ବେଳେ

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଓଡ଼ିଆ ଭାଷା ସାହିତ୍ୟ ପାଇଁ ଚଳିତ ମାସ ଏକ ଦୁଃଖଦ ସମୟ ଥିଲା | ଓଡ଼ିଆ କଥାସାହିତ୍ୟ ବରିଷ୍ଠ ସ୍ରଷ୍ଟା ଶ୍ରୀ ଜଗଦୀଶ୍ ମହାନ୍ତି ଏକ ମର୍ମନ୍ତୁଦ ଦୁର୍ଘଟଣାର ଶୀକାର ହୋଇ ପ୍ରାଣ ହାରିଥିଲେ | ତାଙ୍କର ଗାଳ୍ପିକ ଜୀବନର ଅନେକ ସୃଷ୍ଟି ତାଙ୍କୁ କାଳକାଳକୁ ଅମର କରି ରଖିବ ସତ, ହେଲେ ତାଙ୍କର ଅନୁପସ୍ଥିତି ଆମ ସମସ୍ତଙ୍କୁ ବାରମ୍ବାର ମନେ ପକାଇଦେବ ତାଙ୍କପରି ଅମାୟିକ ବ୍ୟକ୍ତିତ୍ବର ଅଭାବ |

ଓଡ଼ିଆ ସାହିତ୍ୟକୁ ଯେଉଁ କେତେଜଣ ମହାନ ଦିଗଦର୍ଶକ ତଥା ପଥପ୍ରଦର୍ଶକ ମାନଙ୍କ ନିର୍ଦ୍ଦେଶନାରେ ନୂତନ ଯୁଗରେ ପହଞ୍ଚାଇବାରେ ଆମେ ସଫଳ ହୋଇଥିଲୁ, ସେମାନଙ୍କ ମଧ୍ୟରେ ଅନନ୍ୟ ଥିଲେ ଶ୍ରୀ ମହାନ୍ତି | ତାଙ୍କର ଆତ୍ମାର ସଦଗତି ନିମନ୍ତେ ଆମେ ପ୍ରାର୍ଥନା କରୁଛୁ |

ମୋର ପୂଜ୍ୟ ଜ୍ୟେଷ୍ଠଭ୍ରାତା ଶ୍ରୀ ପ୍ରକାଶ ମହାପାତ୍ରଙ୍କ ଲିଖିତ ଏକ ଲଘୁକଥାରୁ ଦୁଇପଦ ମନେ ପକାଇ ଦେଇ କହୁଛି; 'ପ୍ରତ୍ୟେକ ପାଠକ ହେଉଛନ୍ତି ଜଣେ ଜଣେ ଅଣପ୍ରକଟିତ ଲେଖକ | ' ସତ କଥା ଯେତେବେଳଯାଏ ପାଠକ ଲେଖକର ମନ ଏକ ପ୍ରକାରର ଚିନ୍ତାଧାରାରେ ଓତଃପ୍ରୋତ ହେବନାହିଁ, ପରସ୍ପରର ଭାବନାକୁ ସେମାନେ ବୁଝିପାରିବେ ନାହିଁ | ଏଭଳି ପରିସ୍ଥିତିରେ ଲେଖକ ଲେଖିଥିବା କଥାକୁ ପାଠକ ସହଜରେ ହୃଦୟଙ୍ଗମ କରିପାରିବ | ଅବଶ୍ୟ ବେଳେ ବେଳେ ଏଭଳି ବି ଅବସ୍ଥା ଉପୁଜିଥାଏ, ଯେତେବେଳେ ପାଠକ ଓ ଲେଖକ ମଧ୍ୟରେ କିଛି ତାରତମ୍ୟ ରହିଯାଏ | ଏବଂ ପାଠକ ଲେଖକର କଥା ବୁଝିପାରେନି କିମ୍ବା ଅର୍ଥକୁ ଅନର୍ଥ କରି ବୁଝିଥାଏ, ଏହିପରି ଅବସ୍ଥାରେ ଦୋଷ ଯେ କେବଳ ପାଠକର କିମ୍ବା ଲେଖକର ବୋଲି ଧରିନେବାକୁ ହେବନାହିଁ | ବେଳେ ବେଳେ ଚେତନାର ଅଭାବରୁ ପାଠକ ଲେଖକର ସମକକ୍ଷ ଚିନ୍ତାଧାରାର ଅଭାବ ହେତୁ ବୁଝିବାରେ ଅସମର୍ଥ ହୋଇଥାଏ, ଯଦିଓ ସେଇ ଏକା ପାଠକ ଅନ୍ୟଜଣେ ଲେଖକର କୃତିକୁ ସହଜରେ ବୁଝିପାରୁଥାଏ | ସେହିପରି କ୍ଷେତ୍ରରେ ପାଠକ ଯେତିକି ଦାୟୀ ସେତିକି ମାତ୍ରାରେ ପାଠକକୁ ସହଜରେ ବୁଝେଇ ନ ପାରିବା ହେତୁ ଲେଖକମଧ ସମ ପରିମାଣର ଦାୟୀ ହୋଇ କ୍ଷମାପ୍ରାର୍ଥୀ ହେବା ଉଚିତ | ଏହି ପରି ଏକ ସୂକ୍ଷ୍ମ ବିଚାରକୁ ନିଜ

ଲଘୁକଥାରେ ପ୍ରକାଶ କରି ପ୍ରକାଶ ଭାଇ ସମସ୍ତ ସୃଜନଶୀଳ ବ୍ୟକ୍ତିଙ୍କୁ ନବ ଦିଗଦର୍ଶନ ଦେଇଛନ୍ତି ଏବଂ ଏଥିପାଇଁ ଆମେ ସବୁବେଳେ ତାଙ୍କ ପାଖରେ ନତମସ୍ତକ ହୋଇ ରହିବୁ |

ଏହିପରି ପ୍ରଶାନ୍ତ ଭୂୟାଁ ଭାଇ ଲେଖିଛନ୍ତି 'ଲେଖକ ହିଁ ପ୍ରତ୍ୟେକ ସାହିତ୍ୟ ସୃଜନର ପ୍ରଥମ ପାଠକ' | ମାନସ ପଟରେ ଉଙ୍କିମାରୁଥିବା ସୃଷ୍ଟିକୁ ନିଜ ମାନସ ଚକ୍ଷୁରେ ନ ଦେଖିପାରିଲେ କିମ୍ବା କାନରେ ନ ଶୁଣିପାରିଲେ କୌଣସି ଲେଖକ ନୂଆ ଲେଖାଟିଏ ଲେଖିପାରିବ ନାହିଁ | ମୁଁ ଏବଂ ମୋ ପରି ଅନେକ ଲେଖକ ନିଜ ସୃଜନଶୀଳତାକୁ ଏଇ ଏକ ପର୍ଯ୍ୟାୟରେ ହିଁ ଦେଖିଥାଉ ଏବଂ ନୂଆ ସୃଷ୍ଟି କିଛି କରିବା ପାଇଁ ଚେଷ୍ଟା କରୁଥାଉ | ଅନେକ ସମୟରେ ମାନସ ଚକ୍ଷୁରେ ଦେଖିଥିବା କୃତି ଲିଖିତ କୃତି ସାମନାରେ ଫିକା ବି ଲାଗେ ଆଉ ବେଳେ ବେଳେ ମାନସ ଛବିକୁ ସମ୍ପୂର୍ଣ୍ଣ ରୂପ ନ ଦେଇପାରିବାର କାରଣରୁ ଅତ୍ୟନ୍ତ ଛଟପଟ ବି ଲାଗେ | କିନ୍ତୁ ସର୍ବୋପରି ପ୍ରତ୍ୟେକ ଲେଖା ମାନସ ଛବିର ଏକ ଉନ୍ନତତର କିମ୍ବା ସାମାନ୍ୟ କ୍ଷୁଦ୍ରାକୃତି ପ୍ରତିଲିପି ମାତ୍ର ମନେ ହୁଏ |

ଆମେ ସମସ୍ତେ ବ୍ୟକ୍ତିଗତ ଭାବରେ ଭାବପ୍ରବଣ ଏବଂ ସ୍ୱପ୍ନବିଳାସୀ, ସେଇ ସ୍ୱପ୍ନରୁ ହିଁ ସୃଷ୍ଟି ହୋଇଛି ସାହିତ୍ୟର ଅନେକ କୃତି | ସୃଜନଶୀଳତା ସମସ୍ତଙ୍କ ଭିତରେ ରହିଛି, କେହି କେହି ଏହାକୁ ପରିପ୍ରକାଶ କରି ପାରନ୍ତି ଆଉ ଅନେକେ ଏହାକୁ ଅନ୍ୟର ଶବ୍ଦରେ ଖୋଜିଥାନ୍ତି | ସମସ୍ତଙ୍କ ସୃଜନ ସମସ୍ତଙ୍କୁ ଭଲ ଲାଗିବ ତାହା ବି ଠିକ୍ ନାହିଁ | କିନ୍ତୁ ସମସ୍ତେ ଯେ ଅନ୍ୟର ସ୍ୱପ୍ନକୁ ସମ୍ମାନ ଦେବେ ତାହା ପ୍ରତ୍ୟେକ ଲେଖକର ମନ ଭିତରେ ଉହ୍ୟ ରହିଥିବା ଦାବୀ | ସମ୍ମାନ ପାଇବାପାଇଁ କେହି ଲେଖନ୍ତି ନାହିଁ ଅବଶ୍ୟ କିନ୍ତୁ ନିଜ ଲେଖାର ପାରିଶ୍ରମିକ ଯଦି ସାମାନ୍ୟ ସମ୍ମାନରୁ ମିଳୁଥାଏ ତେବେ ତାହା କୋଟିନିଧି ପାଇଲା ସଦୃଶ ମନେ ହୁଏ |

ବର୍ତ୍ତମାନ ରାଜ୍ୟର ଅନେକ ସହରରେ ପୁସ୍ତକମେଳା ମାନଙ୍କର ଗହଳଚହଳ ଦେଖିବାକୁ ମିଳୁଛି | ପ୍ରାୟ ସବୁଠାରେ ପାଠକ ଓ ଲେଖକମାନଙ୍କ ସମାଗମ ହେଉଛି | ଏହା ଆମ ଭାଷା ସାହିତ୍ୟପାଇଁ ଏକ ଉନ୍ନତ ସମୟ | ପ୍ରତି ବର୍ଷ ଏହିପରି ଅନେକ ଆୟୋଜନ କରାଯାଇ ନୂତନ ପାଠକ ସୃଷ୍ଟି କରାଗଲେ, ଲେଖକର ଶ୍ରମଭାର ଉଚିତ

ପାରିଶ୍ରମିକ ପାଇବ ଏଥିରେ ଦ୍ବିମତ ନାହିଁ |

ସାମ୍ପ୍ରତିକ ସମୟରେ ଦେଶଦୁନିଆର ଅବସ୍ଥା ସାମାଜିକ କମ୍ ରାଜନୈତିକ ଅଧିକ ପରି ଲାଗୁଛି | ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ରାଜନୀତିର ପ୍ରବେଶ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ | ଆମ୍ ଆଦମୀ ପାର୍ଟିର ଅଭ୍ୟୁଦୟ ପରେ ଦେଶର ରାଜନୀତିରେ ଏକ ନୂତନତ୍ବର ଆଶା ପ୍ରବଳ ହୋଇଛି | ଅରବିନ୍ଦ କେଜେରିୱାଲ୍‌ଙ୍କ ନେତୃତ୍ବରେ ସଦ୍ୟ ସମାପ୍ତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବହୁମତ ପାଇ ଆପ୍ ପାର୍ଟି ଯେଉଁଭଳି ଭାବରେ ନୂଆ ନୂଆ ସମୀକରଣ ମାନଙ୍କୁ ଜନ୍ମଦେଇଛି ତାହା ଅତୀତରେ କେବେ ଦେଖାଯାଉ ନଥିଲା | ଭାରତ ସ୍ବାଧୀନ ହେବାର ଛଅ ଦଶକ ପରେ ଦେଶରେ କ୍ରାନ୍ତି ଆସିଛି କହିଲେ ଅତ୍ୟୁକ୍ତି ହେବନାହିଁ | ରାଜନୀତିକୁ ବ୍ୟବସାୟ କରିଦେଇଥିବା ବ୍ୟବସ୍ଥାକୁ ପରିବର୍ତ୍ତନ କରିବାପାଇଁ ଆମ୍ ଆଦମୀ ପାର୍ଟିର ଗୁରୁତ୍ବପୂର୍ଣ୍ଣ ଭୂମିକାକୁ ସବୁବେଳେ ସମସ୍ତେ ମନେ ରଖିବେ ନିଶ୍ଚୟ |

ଚଳିତ ମାସର ଆହ୍ବାନକୁ ଆପଣ ମାନଙ୍କୁ ଭେଟି ଦେଉଥିଲା ବେଳେ ଏହା ସହ ବର୍ଷ ୨୦୧୪ର ବାର୍ଷିକ କ୍ୟାଲେଣ୍ଡର ମଧ୍ୟ ଉପସ୍ଥାପନ କରୁଛି | ଆଶା କରୁଛି ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ଏହି କ୍ୟାଲେଣ୍ଡର ଆପଣ ମାନଙ୍କୁ ବର୍ଷର ପ୍ରତ୍ୟେକ ଦିନର ତିଥିବାର ବ୍ରତ ଓ ଓଷାମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ଦେବ | ବିଗତ ଅନେକ ବର୍ଷ ହେଲାଣି ଆହ୍ବାନ ପରିବାର ତରଫରୁ କ୍ୟାଲେଣ୍ଡର ପ୍ରକାଶିତ ହୋଇ ଆସୁଛି | ଏବଂ ଆଗକୁ ହେଉଥିବ ମଧ୍ୟ | ଆପଣଙ୍କ ସହାୟତା ଆମକୁ ଆହୁରି ଅଧିକ ଭଲ ଭାବରେ ଏହି ପତ୍ରିକା ଏବଂ ଅନ୍ୟାନ୍ୟ ଓଡ଼ିଆ ପତ୍ରିକା ସବୁ ପ୍ରକାଶିତ କରିବାରେ ନିଶ୍ଚୟ ଭାବରେ ସହାୟତା କରିବ |

ଧନ୍ୟବାଦ

# ସୂଚୀପତ୍ର

ଆମ ସହର ହାଲଚାଲ ୭
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବା'ଘର ୧୫
ଅରବିନ୍ଦ ଆଚାର୍ଯ୍ୟ

ପ୍ରିୟାର ଠିକଣା ୧୯
ସୁଶାନ୍ତ କୁମାର ନନ୍ଦ

ପବିତ୍ର ପାପୀ ୨୦
ଅନୁପମ କୁମାର ନନ୍ଦ

ବେଳେ ବେଳେ ୨୧
ସନମ୍ ଦେବୀ

ଅଭୁଲା ରାତି ୨୨
ଅନୁପମ ବେହେରା

ଜୀବନ ସାଥୀ ୨୬
ମାନସ କୁମାର ରାଉତ

ଇନ୍ଦ୍ରଧନୁ ପ୍ରିୟା ୨୭
ସନ୍ତୋଷ ବାରିକ

ଟା'ର ଶେଷ ଢୋକ ୨୮
ଶିଳ୍ପଦା ସାମଲ

ସାହିତ୍ୟ ଓ ପୁରସ୍କାର ୩୩
ସୁଷମା ତ୍ରିପାଠୀ

# ଆମ ସହର ହାଲଚାଲ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପାହାନ୍ତି ପହରୁ ସାହିରେ ଗାଡ଼ିରୁ କାଠବାଉଁଶ ଓହ୍ଲାଇବା ଭଳି ଶବ୍ଦ ଶୁଣି, କିଛି ଲୋକଙ୍କ ନିଦ ଭାଙ୍ଗିଗଲା | ସକାଳୁ ସକାଳୁ ସବୁଦିନ ପ୍ରାତଃ ବ୍ୟାୟାମ ପାଇଁ ଯାଉଥିବା ପଣ୍ଡାବାବୁ ବି ଏତେ ଗୁଡ଼ାଏ ବାଉଁଶ ସାହିରେ ଆଣି କୁଢ଼ କରୁଥିବା ଟ୍ରକ୍ ଡ୍ରାଇଭରକୁ ପଚାରି ବୁଝିଲେ ହେଲେ ସେ କିଛି ସନ୍ତୋଷଜନକ ଉତ୍ତର ଦେଇ ପାରିଲା ନାହିଁ | ଖାଲି କହିଲା ଆମକୁ କହିଛନ୍ତି ଆଜ୍ଞା ଏଇ ସାହିର ମୁଣ୍ଡରେ ବାଉଁଶ ନେଇ ଥୋଇଦେଇ ଆସ | ସାହିରେ ବାଉଁଶ ରହିବ କାହିଁକି? ଏବେ ତ ବାହାଘର ଯୋଗ ବି ନାଇଁ କି ବ୍ରତଘର ନାଇଁ, ନୂଆ ଘର ପ୍ରତିଷ୍ଠା ବି କେହି କରୁନାହାନ୍ତି? ସେ ଯା'ହେଉ ପଣ୍ଡାବାବୁ ନିଜ ବାଟରେ ଚାଲିଗଲେ |

ସକାଳ ଚା ପିଉ ପିଉ ରଥବାବୁ ନିଜ ଘର ପିଣ୍ଡାକୁ ଓହ୍ଲାଇ ଆସନ୍ତେ, ସାମନାଘର ତ୍ରିପାଠୀବାବୁ ପଚାରିଲେ, ଏଇ ବାଉଁଶ କିଏ ଆଣି ଏଠି ଥୋଇଛି? ରଥବାବୁ କହିଲେ, ଆଜ୍ଞା ଆମ ସାହି ତ ଦୁନିଆରୁ ବାହାରେ | ସହରରେ ରହିଛେ ସିନା ସହରର ବାସିନ୍ଦା ବୋଲି ଗଣତିରେ ଆସୁନେ | କିଏ କେଜାଣି ଆଣି ପକେଇ ଦେଇ ଯାଇଥିବା, ନହେଲେ ଏଇ ଯୋଉ ଟେଣ୍ଟ୍ ଭିଡ଼ିବା ଦୋକାନ ସବୁ ସହରରେ ଖୋଲିଛନ୍ତି ସେମାନଙ୍କ ମଧ୍ୟରୁ କିଏ ଆଣି ଏଠି ଥୋଇଦେଇ ଥିବ | ଏତେ ଜାଗା ଅଛି, ପଡ଼ିଥାଉ ବୋଲି ଭାବିଥିବ | ତ୍ରିପାଠୀ ବାବୁଙ୍କୁ କଥାଟା ଭଲ ଲାଗିଲା ନାଇଁ କହିଲେ, ଜାଗା ଅଛି ବୋଲି ଆଜି ବାଉଁଶ ରଖିଲେ କାଲେ ବାଲି ରଖିବେ ଆମେ କଣ ସବୁ ଜଗିବସିବା ନ କଣ? ଏଇ ସମୟରେ ଭୁତିଆ ବାବୁ ସେଇ ବାଟରେ ଯାଉଥିଲେ | ଭୁତିଆ ବାବୁ ଭାରି ପାରିବାର ଲୋକ | ତାଙ୍କର ପ୍ରକୃତ ନାମ ଅବଶ୍ୟ ଏୟା ନୁହେଁ | କିନ୍ତୁ ଯେବେଠୁ ଏଇ ସାହି ନିର୍ମାଣ ହୋଇଛି, ସେବେଠୁ ସେ ଏଇ ସାହି ସମିତିର ସେକ୍ରେଟାରୀ ଅଛନ୍ତି | ଯିଏ ଯାହା କହିଲେ ସେ ସାଙ୍ଗେ ସାଙ୍ଗେ ଭୁତେଇ ଦିଅନ୍ତି, ଏଇନେ କରି ଦେଉଛି, ହେଇ କହିଦେଲେ ତ ହେଇଗଲା, ଓଃ ଏଇ କଥା ଆଜି କରି ଦେଉଛି... ଏମିତି କହି କହି ସବୁ ତାଙ୍କୁ ଭୁତିଆ ବାବୁ ବୋଲି ନାଁ ଦେଇଛନ୍ତି |

ଭୁତିଆ ବାବୁ କହିଲେ ସେଇ କଥା ବୁଝିବାପାଇଁ ବାହାରିଛି | ଦେଖିବା ଏ ସବୁ କଣ ହେଉଛି | ଭୁତିଆ ବାବୁଙ୍କ ପଛେ ପଛେ ତ୍ରିପାଠୀବାବୁ ବି ଗଲେ, ଅନେକ ସମୟ

ଅପେକ୍ଷାକଲେ କିନ୍ତୁ ନା କେହି ଆସିଲ ନା କୌଣସି ସୂଚନା ମିଳିପାରିଲା | ଅଗତ୍ୟା ସେମାନେ ନିଜ ନିଜ ଘରକୁ ଫେରିଗଲେ | ସନ୍ଧ୍ୟା ହେଲାଣି | ସକାଳୁ ଆସି ବାରଘଣ୍ଟା ବିତିଗଲାଣି ଅଥଚ ସାହିରେ କିଏ ଆଣି ବାଉଁଶ ସବୁ ପକାଇଛି ତା'ର କୌଣସି ସନ୍ତୋଷଜନକ ସୂଚନା ଏମାନଙ୍କ ପାଖରେ ନାହିଁ | ସହର ତଳି ଅଞ୍ଚଳର ଏଇ ସାହିରେ ସର୍ବମୋଟ ଚାଳିଶିଟା ଘର, ସମସ୍ତେ ଉଣାଅଧିକେ ସମସ୍ତଙ୍କୁ ଜାଣନ୍ତି, ପ୍ରତିଦିନ ଦେଖାସାକ୍ଷାତ ହୁଏ | ତେଣୁ ବର୍ତ୍ତମାନ ସୁଦ୍ଧା ଏହି ବାବଦରେ କୌଣସି ସୂଚନା ସମସ୍ତେ ଜାଣିବା ସ୍ବାଭାବିକ କଥା | ସନ୍ଧ୍ୟା ହେଉ ହେଉ କିଏ କହିଲା ଚାଲ ପୋଲିସରେ ଖବର କରିବା | ସାହିର ବରିଷ୍ଠ ସଦସ୍ୟ ଶ୍ରୀ ଖୁଣ୍ଟିଆ ସଦ୍ୟ ପୋଲିସ ବିଭାଗରୁ ଅବସର ନେଇ ଏହି ସାହିରେ ଘର କରିଛନ୍ତି, ସେ କହିଲେ ଏହାଦ୍ବାରା କୌଣସି ଲାଭ ହେବନାହିଁ | ବାଉଁଶ କୌଣସି ପ୍ରକାରର ମାରଣାସ୍ତ୍ର ନୁହେଁ କିମ୍ବା ଏହାଦ୍ବାରା କୌଣସି ବିସ୍ଫୋରଣ ହେବନାହିଁ, ତେଣୁ ଆପଣ ଖବର ଦେଲେ ବି ଥାନାରୁ କେହି ଆସିବେନି |

ତା ହେଲେ କଣ କରାଯିବ? ସମସ୍ତେ ଚିନ୍ତାରେ ଅଛନ୍ତି | ଏହି ସାହିର ସମସ୍ତ ବାସିନ୍ଦା ପ୍ରାୟ ଅବସର ପ୍ରାପ୍ତ ବୟସ୍କ ଦମ୍ପତି | ସମସ୍ତେ ଚିନ୍ତାରେ ରହିବେ କେମିତି? ଏଣେ ଦିନଟିଏ ବିତିବାକୁ ଆସିଲାଣି | ବୟସ୍କ ଲୋକମାନଙ୍କ ମନରେ ଅନେକ ସନ୍ଦେହ ଓ ଭୟ ବି ସୃଷ୍ଟି ହେଲାଣି | ବାଉଁଶ ଆସିବାପରେ ସାହି ଭିତରକୁ ଆଉ କୌଣସି ଗାଡ଼ି ବି ଆସିନି | ଏମିତି ସମସ୍ତେ ଠିଆ ହୋଇ କଥା ହେଉଥିବା ସମୟରେ ସାହିର ଜଣୈକ ବାସିନ୍ଦା ଶ୍ରୀ ପାଣିଗ୍ରାହୀ ଆସି ସେଠାରେ ପହଞ୍ଚିଗଲେ | ପାଣିଗ୍ରାହୀ ବାବୁ ଏହି ସାହିର ପୁରାତନ ବାସିନ୍ଦା ମାନଙ୍କ ମଧ୍ୟରୁ ଜଣେ | ସେ ସାହିର କୌଣସି କଥାରେ ମୁଣ୍ଡ ଖେଳାନ୍ତି ନାହିଁ | କେବେ ସଭାସମିତି ହେଲେ ଆସନ୍ତି ନାହିଁ | ସାହିର ଉନ୍ନତି ପାଇଁ ଚାନ୍ଦଭେଦା ମଗା ହେଲେ ତାଙ୍କ ଘରକୁ କେହି ମାଗିବାକୁ ଯାଆନ୍ତି ନାହିଁ | ସାହିର ସବୁ ଘର ଏକ ପ୍ରକାରର ହୋଇଥିବା ବେଳେ ପାଣିଗ୍ରାହୀ ବାବୁଙ୍କ ଘର ସମ୍ପୂର୍ଣ୍ଣ ଅଲଗା | ନିଜଘର ଚାରିପାଖରେ ଆଠଫୁଟ ଉଚ୍ଚର କାନ୍ଥ ଟେକି ଦେଇଛନ୍ତି, କାଳେ ଚୋରିହାରି ହେବ ବୋଲି, କବାଟଝରକା

ସବୁ କାଠ ଦେଇ ବନ୍ଦ କରି ରଖନ୍ତି । କାହା ସହ ବିଶେଷ କଥାବାର୍ତ୍ତା କରନ୍ତି ନାହିଁ । ତାଙ୍କ ପରିବାରକୁ କେହି ପସନ୍ଦ କରନ୍ତି ନାହିଁ ।

ସେ ଆସି ସେଠାରେ ଠିଆ ହେଲେ । ଅନ୍ୟମାନେ ସବୁ କିଏ କଣ କଥା ହେଉଛନ୍ତି, ପାଣିଗ୍ରାହୀ ବାବୁ ନିର୍ବାକ ସେଠାରେ ଠିଆ ହୋଇଛନ୍ତି । ଭୁତିଆ ବାବୁ ଭାବୁଥିଲେ ପଚାରି ବୁଝିବେ କିନ୍ତୁ ସେ ବି ନିରବ ରହିବାକୁ ଉଚିତ ମନେ କଲେ । ଏଇ ସମୟରେ ମୋଟର ସାଇକେଲରେ ବସି କିଏ ଦୁଇଜଣ ବାବୁ ଆସି ପହଞ୍ଚିଲେ । ସେମାନେ ପହଞ୍ଚିବାପରେ ପାଣିଗ୍ରାହୀ ବାବୁ ସେମାନଙ୍କୁ ପାଛୋଟି ନିଜ ଘର ପାଖକୁ ନେଇଗଲେ ଏବଂ ହାତ ଦେଖେଇ ଯାହା ସବୁ କହିଲେ ସେଥିରୁ ସମସ୍ତେ ଏହା ବୁଝିବାକୁ ବିଳମ୍ବ ହେଲାନାହିଁ ଯେ ସେ ନିଜ ଘର ସାମନାରେ ବାଉଁଶ ପୋତି ଛାଇ କରିବାକୁ ଚାହୁଁଛନ୍ତି । ତା ମାନେ ଏଇ ବାଉଁଶ ପାଣିଗ୍ରାହୀ ବାବୁଙ୍କ ଘର ତରଫରୁ ଆସିଛି ।

ଏହା ଶୁଣିବାପରେ ଶ୍ରୀ ପାଢ଼ୀ ଉତ୍ୟକ୍ତ ହୋଇ କହିଲେ, କେଡ଼େ ବଜାତ୍ ଲୋକଟା ଦେଖ ହେ, ସକାଳୁ ଆମେ ସମସ୍ତେ ଏଇ ବାଉଁଶକୁ ନେଇ ଏତେ ଚିନ୍ତାରେ ପଡ଼ିଛୁ ଅଥଚ ଲୋକଟା ସବୁ ଦେଖୁଛି ଊଁ ଟେ କି ହୁଁ ଟେ କହୁନି । ସମସ୍ତେ ଭାରି ବିରକ୍ତ ପ୍ରକାଶ କଲେ । ହେଲେ ପର ମୁହୂର୍ତ୍ତରେ ସବୁ ଚିନ୍ତାରେ ପଡ଼ିଗଲେ, ଯେ ଏଇ ସମୟରେ ନିଜ ଦୁଆରେ ବାଉଁଶ ବାନ୍ଧି ସେ କାହିଁକି ଏ ବ୍ୟବସ୍ଥା କରୁଛନ୍ତି? ଏବେ ତ ଚତୁର୍ମାସ୍ୟା ଚାଲିଛି, ବାହା ବ୍ରତଘର ସବୁ ବନ୍ଦ? ଭୁତିଆ ବାବୁ ଯିଏ କି ସକାଳୁ ଏଇ ବାଉଁଶ କଥା ଚିନ୍ତାରେ ପଡ଼ି ଠିକ୍ ସେ ଖାଇ ପିଇ ନଥିଲେ ବିରକ୍ତି ଭାବରେ କହିଲେ, କାଳି ଗାଇର ଭିନେ ଗୋଠ ଆଜ୍ଞା । ତାଙ୍କ ପାଇଁ କିଛି ମନା ନାହିଁ । ସେ ଚାହିଁଲେ ସବୁ ହେବ । ସବୁ ଛି ଛାକର କରି ନିଜ ନିଜ ଘରକୁ ଫେରିଗଲେ ।

ପାଣିଗ୍ରାହୀଙ୍କ ଦୁଇପୁଅ ଆଉ ଗୋଟିଏ ଝିଅ । ସବୁ ବାଡୁଅ ଅଛନ୍ତି । କାହାର ବି ବାହାଘର ଯୋଗ ଫିଟିନି । ସବୁ ଗୁଣୁଗୁଣୁ ହେଉଥିଲେ ଯେ କାଳେ ତାଙ୍କ ଝିଅଟା ପାଇଁ ପ୍ରସ୍ତାବ ଆସିଗଲା କି ? ତିରିଶି ଡେଇଁଲାଣି । ଯେତେ ଶୀଘ୍ର ବାହା ହେବ ସେତେ ଭଲ ।

ପଡ଼ିଶା ଘର ଗାୟତ୍ରୀ ବି କହୁଥିଲା, କାଳେ ସେ ଝିଅର ଆଉ ଦେହରେ ବର୍ଣ୍ଣ ନାହିଁ, ଝଡ଼ିଗଲାଣି | ଝିଅ ଏତେ ବୟସ ପର୍ଯ୍ୟନ୍ତ ନ ବାହା ହେଲେ ଏଇ ସବୁ ହେବ ହିଁ ହେବ | ହେଲେ କିଏ ତାଙ୍କ ଘରେ ପ୍ରସ୍ତାବ କରିବ ? ଝିଅ ପଢ଼ିଛି ବହୁତ, ଦେଖିବାକୁ ବି ମନ୍ଦ ନାହିଁ, କିନ୍ତୁ ବାପାର ଥାଟ ଓ ପରିବାରର ବ୍ୟବହାର ଦେଖିଲେ ଲୋକ ଫେରିଯିବ | ସେଇ ସାହିରେ ଘର କରିଛନ୍ତି ଆହୁରି ଅନେକ ଲୋକ, କେବେ ବି ପାଣିଗ୍ରାହୀ ବାବୁଙ୍କ ଘରକୁ କେହି ବନ୍ଧୁ କିମ୍ବା ପରିବାର ଲୋକ ଆସିବା ଦେଖିନାହାନ୍ତି | ଘରୁ ବାହାରନ୍ତି ନାହିଁ, ଅନେକ ଦିନ ଯାଏ | ବେଳେ ବେଳେ ଭୁତିଆ ବାବୁ ପାଣିଗ୍ରାହୀ ବାବୁଙ୍କ ଘରକୁ ନିଜ ଘର ଛାତ ଉପରେ ରହି ଦେଖନ୍ତି ଆଉ ଜାଣନ୍ତି ଯେ ସେମାନେ ଘରେ ଅଛନ୍ତି |

ପାଣିଗ୍ରାହୀ ବାବୁଙ୍କ ବଡ଼ପୁଅ କଲିକତାରେ ଇଞ୍ଜିନିୟର୍ ଅଛି, ସାନ ରାଉରକେଲାରେ ପଢୁଛି | ସେମାନେ ବି କେବେ କେମିତି ଆସନ୍ତି ଆଉ ଚାଲି ଯାଆନ୍ତି | ସାହିଭାଇ ସହ ପଦେ ଅଧେ କେବେ କଥା ହୁଅନ୍ତି ନାହିଁ | ବାପାଗୁଣେ ପୁଅ ବୋଲି ସବୁ କୁହାକୁହି ହୁଅନ୍ତି | ସେ ଯା ହେଉ, ବାଉଁଶ ପଡ଼ିବାର ଦୁଇଦିନ ହେଲାଣି | ବର୍ତ୍ତମାନ ସୁଦ୍ଧା ଜଣାପଡ଼ିଲା ନାଇଁ, ପାଣିଗ୍ରାହୀ ବାବୁ କେଉଁଥିପାଇଁ ଏ ବାଉଁଶ ଆଣି ଏଠି ରଖିଛନ୍ତି? ଝିଅ ନା ପୁଅ ବିଭା କରୁଛନ୍ତି | ବାହାଘର ହେଲେ ତ ଘରେ ଚହଳ ପଡ଼େ, ବନ୍ଧୁବାନ୍ଧବଙ୍କ ଆଗମନ ହୁଏ, ଏଠି ସେମିତି କିଛି ହେଉନଥିଲା | ପ୍ରଥମ ଦିନ ଆସି ଚାଲିଯିବାପରେ ଆଉ କୌଣସି ଲୋକ ଆସିନାହାନ୍ତି ପାଣିଗ୍ରାହୀ ବାବୁଙ୍କ ଘରକୁ | ଦୁଇ ଦିନପରେ ଦିନେ ପାଣିଗ୍ରାହୀ ବାବୁଙ୍କ ଘର ସାମନାରେ ଗୋଟେ କାର୍ ଆସି ଅଟକିଥିଲା, କିଛି ସମୟ ରହି ଚାଲିଗଲା | କିନ୍ତୁ ଭୁତିଆ ବାବୁ କହୁଥିଲେ କାଳେ ସେଇ କାରରୁ ବହୁତ ସୁନ୍ଦରୀ ସ୍ତ୍ରୀ ଲୋକ ଦୁଇଜଣ ଆସିଥିଲେ ଓ ଚାଲିଗଲେ | ସାଥୀରେ ପାଣିଗ୍ରାହୀବାବୁଙ୍କ ଝିଅ କୁ ବି ନେଇଗଲେ | ଏବେ ସବୁ କୁହାକୁହି ହେଲେ ବୋଧହୁଏ ସେ ଝିଅ ବାହା କରୁଛନ୍ତି | ସେ ଦିନ ଅନ୍ତତଃ ସାତ ଆଠଥର ସେ କାର ସାହିକୁ ଆସିଥିଲା ଆଉ ଯାଇଥିଲା | ବାରମ୍ବାର କିଏ ନା କିଏ ଆସୁଥିଲେ ଆଉ ଯାଉଥିଲେ |

ଏମିତି ଦୁଇଦିନ ବିତିଗଲା | ସପ୍ତାହ ପାଖାପାଖି ସମୟ ହେଲାଣି | ଏବେ ପାଣିଗ୍ରାହୀଙ୍କ ଘର ସାମନାରେ ବାଉଁଶ ଛାଉଣୀ ପଡ଼ିଲାଣି | ସାହି ବାସିନ୍ଦା ଅପେକ୍ଷାରେ ଅଛନ୍ତି ଯେ କଣ ହେଉଛି ? ପାଢ଼ୀ ବାବୁ କହିଲେ, ସାହିର ସବୁ ସଦସ୍ୟଙ୍କୁ ନେଇ ସଭା ଡକାଯାଉ | ସନ୍ଧ୍ୟାରେ ଭୁତିଆ ବାବୁଙ୍କ ଘର ସାମନାରେ ସଭା ବସିଲା | ସମସ୍ତେ ଏକ ସ୍ବରରେ କହିଲେ ଯେ ପାଣିଗ୍ରାହୀ ବାବୁଙ୍କୁ ସାହିରୁ ବାସନ୍ଦ କରାଯାଉ | କାରଣ ସେ ସାହିର ଉନ୍ନତି ହେତୁ କୌଣସି କାମ କରୁନାହାନ୍ତି, ନା କୌଣସି କାମରେ ସହଯୋଗ କରୁଛନ୍ତି | ଯେତେବେଳେ ବି ସାହି ପାଇଁ ଉନ୍ନତିର କଥା ଉଠୁଛି ସେ ସହଯୋଗ କରୁନାହାନ୍ତି | ସେ ଦିନେ ହେଲେ ଏଇ ସାହିପାଇଁ ଟଙ୍କାଟିଏ ସହାୟତା ଦେଇନାହାନ୍ତି | କଥାବାର୍ତ୍ତା କଲେ ଗାଳିଗୁଲଜ କରିବାକୁ ପଛାଉନାହାନ୍ତି, ସାହିଭାଇଙ୍କୁ ନିଜ ପରିବାର ବିଷୟରେ କିଛି ଜଣାଉନାହାନ୍ତି | ସମସ୍ତେ ଏଇ କଥାକୁ ସମର୍ଥନ କଲେ | ସତ କଥା ଏମିତିକା ଲୋକ ସାହିରେ ରହିଲେ କେତେ ନ ରହିଲେ କେତେ ? ଦରକାର ବେଳେ କାମରେ ଯଦି ନ ଆସିବେ ସେମିତିକା ପଡ଼ୋଶୀ କୋଉ କାମର? କିନ୍ତୁ ଆମେ ଯେଉଁ ଦେଶରେ ରହୁଛୁ ସେଠି ଏହି ପ୍ରକାରର ବ୍ୟବସ୍ଥାକୁ ଅଣଗଣତାନ୍ତ୍ରିକ ବୋଲି ଧରାଯିବ | ତେଣୁ ବାସନ୍ଦ କରିବାର ପ୍ରଶ୍ନ ହିଁ ଉଠୁନି |

ପାଢ଼ୀବାବୁ କିନ୍ତୁ ନଛୋଡ଼ବନ୍ଧା | ସେ କହିଲେ ଏମିତିକା ଲୋକ ରହିଲେ ମୁଁ ରହିପାରିବିନି | ତ୍ରିପାଠୀବାବୁ କହିଲେ, ଏମିତି କଥା କୁହନ୍ତୁ ନାଇଁ ଆପଣ ପଛେ ଏ ସାହି ଛାଡ଼ି ଚାଲିଯିବେ ଏ ଲୋକ ସୁଧୁରିବ ନାଇଁ | ଆଉ କିଛି ଉପାୟ ନାହିଁ | ସେ ବି ଏଇ ସାହିରେ ଘର କିଣିଛନ୍ତି, ତେଣୁ ଏଠି ରହିବାର ଅଧିକାର କେହି ଛଡ଼େଇ ନେଇ ପାରିବ ନାହିଁ | ହଁ ଆମେ ଯଦି ଚାହିଁବା ତା ହେଲେ ତାଙ୍କ ସହ କେହି କଥା ହେବେନି, ତାଙ୍କୁ କୌଣସି ପ୍ରକାର ସାହାଯ୍ୟ ଦେବେନି କିମ୍ବା ତାଙ୍କ ଦୁଆରମୁହଁ ଚାହିଁବାନି | ସମସ୍ତେ ହଁ କହିଲେ, ଏମିତି ହେଉ | ଆଜିଠାରୁ ସେ ଆମ ସମସ୍ତଙ୍କ ପାଇଁ ନାହାନ୍ତି | ତାଙ୍କର କୌଣସି କାମରେ ଆମେ ସହାୟତା କରିବା ନାହିଁ | ସଭାରେ ସର୍ବସମ୍ମତିରେ ନିଷ୍ପତ୍ତି ନିଆଗଲା ଯେ

ପାଣିଗ୍ରାହୀ ବାବୁଙ୍କ ଝିଅ ବାହାଘରରେ କେହି ସହାୟତା କରିବେ ନାହିଁ । ଅବଶ୍ୟ ବର୍ତ୍ତମାନ ସୁଦ୍ଧା କେହି ଜାଣିନଥିଲେ ଯେ ପ୍ରକୃତରେ ଝିଅ ବାହା ହେଉଛି ନା ନାହିଁ । ସଭା ସରିବାପରେ ସବୁ ନିଜ ନିଜ ଘରକୁ ଫେରିଲେ ।

ପରଦିନ ପାଣିଗ୍ରାହୀ ବାବୁ ଭୁତିଆ ବାବୁଙ୍କ ଘର କବାଟ ଠକ୍ ଠକ୍ କଲେ । ଭୁତିଆ ବାବୁ ଅନିଚ୍ଛା ସତ୍ତ୍ବେ କବାଟ ଖୋଲିଲେ । ପାଣିଗ୍ରାହୀ ବାବୁଙ୍କ ଅଭିଯୋଗ ଥିଲା ଯେ ତାଙ୍କ ଘର ବାଡ଼ିରେ ପାଣି ଜମା ହେଉଛି, ଏବେ ସେ ଘରେ ଗୋଟିଏ ଭଲ କାମ କରିବାକୁ ଯାଉଛନ୍ତି, ଏଇ ସମୟରେ ଘରେ ନାଳପାଣି ପଶୁଛି, ଏହା ଜମା ସେ ସହିବେ ନାହିଁ, ଦୟାକରି ସେଇ ନାଳ ପାଣିପାଇଁ ବିହିତ ପଦକ୍ଷେପ ନିଅନ୍ତୁ । ଭୁତିଆ ବାବୁ କହିଲେ, ଆଜ୍ଞା ଗତମାସରେ ଯେତେବେଳେ ସାହିର ସମସ୍ତ ନାଳକୁ ସିମେଣ୍ଟ କରାଗଲା ସେତେବେଳେ ଆପଣ କହିଲେ ଟଙ୍କାଏ ବି ଦେବେନି, ତେଣୁ ଆପଣଙ୍କ ବାଡ଼ିରେ ଥିବା ନାଳକୁ ସିମେଣ୍ଟ କରାଗଲା ନାହିଁ, ଏବେ ମୁଁ କଣ କରିବି ? ଆପଣଙ୍କ ନାଳ ଆପଣ ବୁଝନ୍ତୁ । ସେଇଠୁ ପାଣିଗ୍ରାହୀ ବାବୁଙ୍କ ମସ୍ତିଷ୍କ ଗରମ ହୋଇଗଲା, ବଡ଼ ପାଟିରେ ଚିଲ୍ଲେଇଲେ, କହିଲେ ସେକ୍ରେଟେରୀ ହେଇଚ ଯେତେବେଳେ ଏଇଟା କରିବା ତମ ଦାୟିତ୍ବ । ପାଣିଗ୍ରାହୀଙ୍କ ପାଟିଶୁଣି ସବୁ ସାହିଲୋକ ଏକାଠି ହୋଇଗଲେ ।

ପାଣିଗ୍ରାହୀ ବାବୁ ସେମିତି ବଡ଼ ପାଟିରେ ଚିଲ୍ଲେଇ ଚିଲ୍ଲେଇ କହୁଥାନ୍ତି, ସବୁ ନିରବରେ ଠିଆ ହୋଇ ଶୁଣୁଥିଲେ ସିନା କେହି ପଦୁଟିଏ କହିଲେ ନାହିଁ । ଭୁତିଆ ବାବୁ କିଛି ସମୟ ପରେ ହସିଦେଇ କହିଲେ, ଆଜ୍ଞା ଆଜିଠୁ ଆପଣ ସେକ୍ରେଟାରୀ ହୋଇଯାଆନ୍ତୁ, ଯାହା ଇଚ୍ଛା ତାହା କରନ୍ତୁ । ମୋତେ କିଛି କୁହନ୍ତୁନାହିଁ । ସବୁ ଲୋକ ନିଜ ନିଜ ଘରକୁ ଚାଲିଗଲେ । ଅଗତ୍ୟା ପାଣିଗ୍ରାହୀବାବୁ ସହରକୁ ଯାଇ ମିସ୍ତ୍ରୀ ନେଇ ଆସି ନିଜବାଡ଼ିର ନଳାକୁ ନିଜେ ଠିକ୍ କଲେ ।

ସେଦିନ ପାଣିଗ୍ରାହୀ ବାବୁ ଅନର୍ଗଳ ଗାଳି ବର୍ଷଣରେ ବ୍ୟସ୍ତ ରହିଲେ । ସାହି ପଡ଼ୋଶୀ ସବୁ ନିଜ ନିଜ ଘରେ ବସିଥିଲେ । ଏ ସବୁ ମଧ୍ୟରେ ପାଢ଼ୀବାବୁ ଥିଲେ କିନ୍ତୁ

ଭାରୀ ବ୍ୟସ୍ତ । ସେ ସବୁବେଳେ ସେମିତି, କୌଣସି କଥା ସମ୍ପୂର୍ଣ୍ଣ ଭାବରେ ନ ଜାଣିବା ପର୍ଯ୍ୟନ୍ତ ସେ ଖିଆପିଆ ବି କରି ପାରନ୍ତି ନାହିଁ । ସପ୍ତାହକ ପରେ ହେଲାଣି, ପାଣିଗ୍ରାହୀବାବୁଙ୍କ ଘରେ କଣ ଉତ୍ସବ ପାଇଁ ସବୁ ତତ୍ପର ତାହା ଜଣାପଡୁନାହିଁ । ସେ ନିଜ ଶ୍ରୀମତିଙ୍କୁ ଏହି କାର୍ଯ୍ୟ ସମର୍ପଣ କରି କହିଲେ ତୁମେ ଟିକେ ଅନୁସନ୍ଧାନ କରି କୁହ କଣ ହେଉଛି, ସେ ଚିଡ଼ି ଚିଡ଼ି ହୋଇ କହିଲେ, ମୁଁ ତାଙ୍କ ଦୁଆର ମାଡ଼ିବିନି । ତୁମ ଇଚ୍ଛା ଯଦି ଏତେ ହଉଛି ଭୁତିଆ ବାବୁଙ୍କୁ କୁହ ସେ ଯାଇ ବୁଝିବେ । ତାଙ୍କ ଘର କଥା ତାଙ୍କୁ ଜଣା, ତମକୁ କଣ ଦରକାର୍ ଏତେ ଚିନ୍ତା କରିବା?

ପାଢ଼ୀବାବୁ କିନ୍ତୁ ସମ୍ଭାଳି ପାରୁନଥିଲେ, ତାଙ୍କର ଅନୁସନ୍ଧିତ୍ସୁ ମନ ତାଙ୍କୁ ଉଚ୍ଛନ୍ନ କରି ରଖିଥିଲା । ସାହିରେ କେବଳ ସେ ନୁହେଁ ସମ୍ପୂର୍ଣ୍ଣ ସାହି ଏହି ପ୍ରଶ୍ନର ଉତ୍ତର ଚାହୁଁଥିଲା । ଦିନେ ଦୁଇଦିନ ପାଣିଗ୍ରାହୀଙ୍କ ଘର ଆଗରେ ଦୁଇ ଚାରିଟା ଗାଡ଼ି ଲାଗିଥିଲା, ଲୋକ ବି ଆସିଥିଲେ, କିନ୍ତୁ କଣ ପାଇଁ ସବୁ ହେଉଛି ସେ ବିଷୟରେ କେହି ଜାଣିନଥିଲେ ।

ଶନିବାର ଅପରାହ୍ନରେ ପୁଣି ସବୁ ସାହି ଛକରେ ଠିଆ ହୋଇ କଥା ହେଉଥିବା ବେଳେ ଟ୍ରାକ୍ଟର ଗୋଟିଏ ଆସିଲା ଆଉ ଦେଖୁ ଦେଖୁ ଲୋକମାନେ ପାଣିଗ୍ରାହୀ ଘର ସାମନାରେ ଥିବା ବାଉଁଶସବୁ ବାହାର କରିବାକୁ ଲାଗିଲେ । ଏହା ଦେଖି ସମସ୍ତେ ଚମକି ପଡ଼ିଲେ । ଷଡ଼ଙ୍ଗୀ ବାବୁ କହିଲେ, 'ହଇହେ ଦେଖ କଣ ସବୁ ଖୋଲାଖୋଲି କରିଦେଲେ, କଥା କଣ ? ଲାଗୁଛି ଜେଲ (ପାଣିଗ୍ରାହୀ ବାବୁଙ୍କ ଘରକୁ ଅନେକେ ଜେଲ୍ କହନ୍ତି ।) ଭିତରେ ସବୁ କିଛି ସାରିଦେଲେ । ଆମକୁ ବାସନା ଟିକେ ବି ବାଜିଲାନି, କାମ ହେଇଗଲା?'

ପାଢ଼ୀବାବୁ ଉତ୍ୟକ୍ତ ହୋଇ କହିଲେ, 'ସେ ସବୁ ଛାଡ଼ନ୍ତୁ ଆଜ୍ଞା, ଆଗ କୁହନ୍ତି ହେଲା କଣ ? ପୁଅ ବାହା ହେଲା ନା ଝିଅ? ନା ଆଉ କିଛି ?' ଭୁତିଆ ବାବୁ କହିଲେ, 'ତାଙ୍କ ଘର କଥା ସେ ଜାଣିଥିବେ ଆମକୁ କିଏ କଣ କହିଲେ ଜଣାପଡ଼ିବ ନା । ' ଅନେକ ସମୟ ଠିଆ ହେବା ପରେ ଟେଣ୍ଟ ହାଉସରୁ ଆସିଥିବା ଲୋକଟିଏକୁ ଡାକି ପଚରାଗଲା, ଏ ସବୁର

ରହସ୍ୟ। ସେ ବି କିଛି ସନ୍ତୋଷଜନକ ଉତ୍ତର ଦେଇ ପାରିଲାନି। ଅଗତ୍ୟା ସାହିରେ ସମସ୍ତେ ଏକା ଚିନ୍ତାରେ ଥିଲେ ଯେ ହେଲା କଣ? କାହିଁକି ଏଇ ସାତ ଦିନଧରି ପାଣିଗ୍ରାହୀ ଘର ସାମନାରେ ସାମିଆନା ପଡ଼ିଲା। ପାଢ଼ୀ ବାବୁ ସେଇ କଥା ଚିନ୍ତା କରି କରି ନିଜ ବ୍ଲଡ୍ ପ୍ରେସର୍ ବଢ଼େଇ ସାରିଥିଲେ।

ଅବଶ୍ୟ ପରଦିନ ସକାଳୁ ସକାଳୁ ପାଣିଗ୍ରାହୀର ପାଟିରେ ସାହି ଲୋକଙ୍କ ନିଦ ଭାଙ୍ଗିଗଲା। ପାଢ଼ୀ, ଷଡ଼ଙ୍ଗୀ, ଭୁତିଆ ସବୁ ନିଜ ନିଜ ଘରୁ ବାହାରି ଆସିଲେ। କଥା କଣ? ପାଣିଗ୍ରାହୀ ଉଚ୍ଚ ସ୍ବରରେ ସମସ୍ତଙ୍କୁ ଗାଳି ଦେଉଥିଲା, 'ତୁମ ଶଃ.. ମାନଙ୍କ ପାଇଁ ମୋ ଝିଅର ବାହାଘର ହେଇ ପାରିଲାନାହିଁ। ନିର୍ବନ୍ଧ ପାଇଁ ଆସିଥିଲେ, ଏ ସାହି ଆଉ ସାହିବାସିନ୍ଦାଙ୍କୁ ଦେଖି ପଳେଇଲେ। ....'

ପାଣିଗ୍ରାହୀଙ୍କ କଥାରୁ ଜଣାପଡୁଥିଲା ତାଙ୍କ ଝିଅର ନିର୍ବନ୍ଧ କାର୍ଯ୍ୟକ୍ରମଟା ଫସର ଫାଟି ଯାଇଛି। ଭୁତିଆ ବାବୁ ମନେ ମନେ ଭାବୁଥିଲେ ଏଥିରେ ସାହିଭାଇଙ୍କ ଦୋଷ ରହିଲା କୋଉଠି? ପାଢ଼ୀବାବୁ ନିଜ ଶ୍ରୀମତିଙ୍କୁ ନେଇ ବଜାର ବୁଲିଯିବାକୁ ବାହାରି ପଡ଼ିଲେ। ଷଡ଼ଙ୍ଗୀ ବାବୁ ନିଜ ଘର ସାମ୍ନାରେ ଠିଆହୋଇ ମନେ ମନେ ଭାବୁଥିଲେ ଏମିତି କଣ ଦୋଷ ସାହିଭାଇ କରିଥିଲେ ? ଭୁତିଆ ବାବୁ ମୁରୁକି ହସା ଦେଉଥିବା ଦେଖି ସମସ୍ତେ କାରଣ ପଚାରୁଥିଲେ, ସେ କିନ୍ତୁ ନିରବରେ ହସିବା ଛଡ଼ା ଆଉ କିଛି କହୁନଥିଲେ। ପଣ୍ଡା ବାବୁ ଅନେକ ଅନୁରୋଧ କରିବାପରେ ସେ ଏତିକି କହିଲେ ଯେ ଯେଉଁ ଦିନ ପାଣିଗ୍ରାହୀ ବାବୁ ନିଜ ବାଡ଼ିର ନାଳ ସଫା କରିବା ପାଇଁ ଗଣ୍ଡଗୋଳ କରୁଥିଲେ, ସେହି ଦିନ ସାହି ଛକରେ କେହି ଜଣେ ଭଦ୍ରବ୍ୟକ୍ତି ତାଙ୍କୁ ପାଣିଗ୍ରାହୀ ବାବୁଙ୍କ ବିଷୟେ ପଚାରୁଥିଲେ, ଭୁତିଆ ବାବୁ କେବଳ ପାଣିଗ୍ରାହୀ ବାବୁଙ୍କ ଦାଣ୍ଡ ଠିଆ ହୋଇ ସମସ୍ତଙ୍କୁ ଗାଳି ଦେଉଥିବା ଦୃଶ୍ୟଟା ସେ ଦେଖିଦେଇ ସେଠାରୁ ଫେରି ଚାଲିଯାଇଥିଲେ।

# ବା’ ଘର



ଅରବିନ୍ଦ ଆଚାର୍ଯ୍ୟ

ଧୁରୁବା ଗାଁରେ ସେଦିନ ଧାଙ୍ଗଡ଼ିମାନଙ୍କ ଭିଡ଼ ଲାଗିଥିଲା ଗୁରୁବାରୀର ଛୋଟ ଚାଳ ଘରଟିରେ । ସହୀ ସଙ୍ଗାତଙ୍କ ଗହଣରେ ଗୁରୁବାରୀ ମୁଣ୍ଡ ପୋତି ବସିଥିଲା । ତା’ ବାହାଘର ପାଇଁ ଚାରିଆଡ଼େ ସମସ୍ତେ ଧାଁ ଧଉଡ଼ କରୁଥାନ୍ତି । ଗୁରୁବାରୀର ସବୁଠୁଁ ଭଲ ମିତ ହେଲା ପାର । ସିଏ ତା’ର ପାଖରେ ବସିଥାଏ । କେତେ ଛିଗୁଲେଇ କଥା କହୁଥାଏ । ଏମିତି କଥା ପଡୁ ପଡୁ ପାର କହିଲା;

- ଆଲୋ ସଙ୍ଗାତ । ତୋ’ର ତ ଠିକ୍ ହେଇଗଲା । ଆଉ ଚିନ୍ତା କଣ?

ଗୁରୁବାରୀ ଲାଜେଇ ଯାଇ କହୁଥିଲା;

- ହୁଁ, ତୁ କଣ ଆଉ ଏକୁଟିଆ ରହିବୁ କି ? ତୋର ପରା ଏଇ ସନ ଠିକ୍ କରିଦେବ ତୋ ବା’ ।

- ହଁ ହଁ, ଆଉରି ନା ।

- କଣ ମୁଁ ମିଛ କହିଲି ? ଗୁରୁବାରୀ କହିଲା ।

- ଛାଡ଼ ସେ କଥା । ଆଉ ତୋ ବା’ଘର ପରେ ଆମକୁ ମନେ ପକେଇବୁଟି ?

ଆଖିରେ ଲୁହ ଜକେଇ ଆସିଲା ଗୁରୁବାରୀର । କଣ ଏତେ ଦିନର କଥା ଗୁଡ଼ାକ ଭୁଲିପାରିବ କିଏ ? ସାଥି ହୋଇ ବଣକୁ ଯିବା । କାଠ ଆଣିବା । ମାଣ୍ଡିଆ କ୍ଷେତରେ ଲୁଚକାଳି ଖେଳିବା ଆଉ ଝରଣାକୁ ପାଣି ପାଇଁ ଯିବା । ସବୁକଥା ଭୁଲିଗଲେ ବି ସେ କଥାଟା ଜମା ଭୁଲି ପାରିବନି ସିଏ । ସେ କଥାଟା ସିଏ ଆଉ ତା ମିତ କାହା ଆଗରେ କହିନଥିଲେ । ଏମିତି କଥା କଣ କିଏ କୁହେ । ସବୁ ମନେ ପଡ଼ିଯାଉଥିଲା ଗୋଟି ଗୋଟି ହୋଇ ।

ପ୍ରଥମ କରି ଦୁଇ ସଙ୍ଗାତଙ୍କ ଦେହରେ ଉଛୁଳା ଯୌବନ ଲହଡ଼ି ମାରିଥିଲା । ଦୁହିଁଙ୍କ ମନ ସେତେବେଳେ ଉଡ଼ି ବୁଲୁଥାଏ । ଧାଙ୍ଗଡ଼ା ମାନଙ୍କୁ ଦେଖିଦେଲେ ଦେହ କଣ ହୋଇଯାଏ । ତାଙ୍କର ପୁରିଲା ଛାତି, ଆଉ ତାଗଡ଼ା ହାତଗୋଡ଼କୁ ଚାହିଁ ହୁଏ ନାହିଁ । ସେଦିନ କିନ୍ତୁ କୋଉ ପଟରେ ସୁରୁଜ ଉଇଁଥିଲା କେଜାଣି ଏମିତି ଅଶୁଭ ଘଟଣାଟା ଘଟିଲା

| ଦୁଇ ସଙ୍ଗାତ ବଣକୁ ଯାଇଥାନ୍ତି କାଠ ଆଣିବାକୁ | ସଞ୍ଜ ହୋଇ ଆସୁଥାଏ | କାଠ ଏକାଠି କରୁ କରୁ ଦୁଇଜଣ ଅଲଗା ଅଲଗା ହୋଇଯାଇଥାନ୍ତି | ପଛରୁ ହଠାତ୍ ସଙ୍ଗାତର ହାଉଳି ଖାଇବା ଡାକ ଶୁଣି ଗୁରୁବାରୀ ଚମକି ପଡ଼ିଲା | ଦି'ଜଣ ମରଦ ତାକୁ ମାଡ଼ି ବସିଛନ୍ତି | ଜଙ୍ଗଲର ଶୁଖିଲା ପତ୍ର ଉପରେ ପଡ଼ି ପାର ହାତଗୋଡ଼ ହଲାଉଥାଏ ଆଉ ଗୁରୁବାରୀକୁ ଡାକ ଛାଡୁଥାଏ | ତା'ର ଗୋଡ଼ହାତରେ ଶୁଖିଲା ପତ୍ର ବାଜି ସର୍ ସର୍ ଶବ୍ଦ ଶୁଭୁଥାଏ | ଗୁରୁବାରୀ କଣ କରିବା କିଛି ବୁଝିପାରିଲା ନାଇଁ | ହାତରେ କଟୁରୀଟା ଧରି ଧାଇଁଗଲା ସେ ଆଡ଼େ | ଆଖି ମୁଦି ବୁଲେଇ ଦେଲା କଟୁରୀଟା | ତାକୁ ଆସୁଥିବା ଦେଖି ଜଣେ ଧାଇଁ ପଳେଇଥିଲା | ଆଉ ଆର ଜଣକ ଗୁରୁବାରୀକୁ ବଡ଼ ବଡ଼ ଆଖିରେ ଚାହିଁଥିଲା | କିନ୍ତୁ ଗୁରୁବାରୀର କଟୁରୀଟା ଏତେ କ୍ଷୀପ୍ର ଗତିରେ ବୁଲିଲା ଯେ ତା'ର ଡାହାଣ କାନକୁ କାଟି ପକାଇଲା, ସେ ବି ଜାଣିପାରିଲା ନାହିଁ | ମା'ଲୋ... କହି ଡାହାଣ କାନକୁ ଜାବୁଡ଼ି ଧରି ରକ୍ତରେ ଜୁଡୁବୁଡୁ ହୋଇ ସେ ଉଠି ଧାଇଁଥିଲା | ହେଲେ ସେ ଲୋକଟାର ମୁହଁକୁ ଠିକ୍ ଭାବରେ ଠଉରାଇ ନେଇଥିଲା ଗୁରୁବାରୀ | ସଙ୍ଗାତକୁ ଡାକୁ ଉଠେଇଲା ବେଳକୁ ସେ ଧକେଇ ହେଉଥିଲା | ଦୁହେଁ ଶୀଘ୍ର ଶୀଘ୍ର ଗାଁକୁ ଫେରି ଆସିଥିଲେ | ଏ କଥା କାହା ଆଗରେ ନ କହିବାପାଇଁ ସଙ୍ଗାତ ରାଣ ଦେଇଥିଲା, ତେଣୁ ଗୁରୁବାରୀ ଏହି କଥା କେବେ କାହାକୁ କହିପାରିନଥିଲା |

ଅନେକଥର ପାର ଏଇ କଥା ମନେ ପକାଇ କାନ୍ଦିପକାଏ | ସଙ୍ଗାତକୁ ତୁନି କରାଉ କରାଉ ଗୁରୁବାରୀ ବି କାନ୍ଦିପକାଏ | ମାଇକିନା ଜନମଟା ପାପ ବୋଲି ଭାବେ | କେତେ କୁଆଡୁ ଜଗିବ | ସବୁଆଡ଼େ ହେଟାବାଘ ପରି ଜିଭ ଲହ ଲହ କରୁଛନ୍ତି ମରଦ ଗୁଡ଼ାକ | ଖାଲି ଟିକେ ସୁବିଧା ପାଇଲେ କଞ୍ଚା ଖାଇଯିବେ ଯେମିତି | ବା' ହେବା ଆଗରୁ ଡର, ବା' ହେଇଗଲେ ଚିନ୍ତା ଯିବ | ନିଜର ମରଦ ଥିବ, ସବୁ ସୁଖଦୁଃଖ ବୁଝିବ |

ଏଇମିତି ଭାବୁ ଭାବୁ ତ ତାର ବା' ଘର ଠିକ୍ କରିଦେଲା | ବା'ଘର କଥା ଶୁଣି ଗୁରୁବାରୀ କୁରୁଳି ଉଠୁଥିଲା | ମନେ ମନେ ସେଦିନ ପୁଣି ଏତେ ଜଲଦି ଆସିଲା ଆଉ

ତା'କୁ ତାଙ୍କ ଗାଁର ଅନ୍ୟ ଧାଙ୍ଗଡ଼ି ମାନଙ୍କ ପରି ସକାଳୁ ସକାଳୁ ଗାଧୋଇ ଦିଆଗଲା ହଳଦୀ ଲଗାଇ | ଫୁଲ ଚାଉଳ ନେଇ କେତେ କଣ ପୂଜା କଲା ତାଙ୍କ ଗାଁର ଓଝା | ଘର ଆଗରେ ଖୁଣ୍ଟ ପୋତି ଆମ୍ରପତ୍ର ଆଉ ଫୁଲରେ କେତେ ସଜାଗଲା | ସିଏ କିନ୍ତୁ ସକାଳ ପହରୁ ଓପାସ କରୁଛି ଆଉ ସେଇମିତି ସେଇ ଘର କୋଣରେ ବସିଛି |

ଘର ବାହାରି କିଏ ଦିଜଣ ତିରିଲା ପାଟି କରିଲେ | 'ଆଲୋ ଗୁରୁବାରୀକୁ ଆଣ ଇଆଡ଼େ କାମ ଆରମ୍ଭ ହେଲାଣି' | ମିତ ସାଙ୍ଗରେ ଗୁରୁବାରୀ ବାହାରକୁ ଗଲା | ଓଝାବୁଢ଼ା କଣ ସବୁ ପୂଜାକଲା | ଏମିତି ଏମିତି ପୂଜା ଭିତରେ କେତେବେଳେ ତା'ର ବା'ଘର ସରିଗଲା ସେ ଜାଣି ପାରିଲା ନାହିଁ | ସମସ୍ତେ କହିଲେ ବା'ଘର ସରିଗଲା | ଏଥର ଗୁରୁବାରୀ ଆଖିରେ ପଟିବାନ୍ଧି ଦେଲେ | ଚଉଠି ଦିନ ପଟି ଖୋଲାହେବ |

ବା'ଘର ସରିଲା ପରେ ଗୁରୁବାରୀର ମନ କୁରୁଳୁ ଥାଏ, ତା ବରକୁ ଦେଖିବାକୁ | ମନେ ମନେ ଭାବୁଥାଏ କାହିଁକି ଏମିତି ପଟି ବାନ୍ଧିଛନ୍ତି କେଜାଣି | ମୋ ବରକୁ ଦେଖିଦେଲେ କଣ ସରିଯାଉଛି | ପୁଣି ଭାବେ ହଁ ଆଉ ଦିନଦୁଇଟାରେ ତା ମନର ମଣିଷ ନିଜେ ହିଁ ଆଖି ଖୋଲିଦେବ | କିନ୍ତୁ ତା ମନ ଭାରୀ ଅଥୟ ହେଉଛି, ଯେତେବେଳେ ସହିସଙ୍ଗାତ ମାନେ ଚୁପୁରୁ ଚୁପୁରୁ ହେଲେ |

-ମା'ଲୋ ଆମ ଗୁରୁବାରୀ ତ ଗୋଟିଏ ଚାଉଳରେ ଗଢ଼ା ଆଉ ତା'ପାଇଁ ଏମିତିକା ବର କିଏ ଖଞ୍ଜିଲା ମ |

ଆଉ କିଏ କହୁଥାଏ, 'ବାପ ଜଉତୁକ ଡରରେ ଏମିତିକା ଜୋଇଁ କରିଛି | '

ପୁଣି କିଏ କହୁଥାଏ, 'ଏମିତିକା କନିଆଁକୁ ଏଇ ବର !!!'

ମନେ ମନେ ଗୁରୁବାରୀ କିନ୍ତୁ ଭାବୁଥିଲା, ତା ବା' ଯେତେବେଳେ ଠିକ୍ କରିଛି ସେତେବେଳେ ତା ବର କେବେ ଖରାପ ହେଇନଥିବ | ସମସ୍ତେ ଏମିତି ଛିଗୁଲେଇ କହୁଛନ୍ତି |

ଶେଷରେ ସେଇ ରାତି ଆସିଲା, ଯେତେବେଳେ ତା ମନର ମଣିଷ ତା'ଆଖିରୁ ପଟି

ଖୋଲିବ । ପଟି ଖୋଲିବା ଆଗରୁ ଗୁରୁବାରୀ ଖାଲି ଭାବି ହେଉଥିଲା, ଯଦି ତା'ବର କଳା ହୋଇଥିବ, ହେଲେ ହେଉ ଜଗତ ନାଥ ତ କଳା । ସେ ତ ପୁଣି ବଡ଼ ଠାକୁର । ଅସୁନ୍ଦର ଠେଇଁ କଣ ଅଛି ଗୁଣ ଭଲ ଥିଲେ ଭଲ । ସୁନ୍ଦରରୁ କଣ ମିଳିବ । ସୁନ୍ଦର ଆଜିଥିବ କାଲି ନଥିବ । ଯାହା ହେଲେ ବି ସେ ତାର ମନର ମଣିଷ ତାକୁ ନେଇ ହିଁ ସେ ଜୀବନ ଯାକ ଚଳିବ ।

ଖଟ ଉପରେ ବସି ଢୁଳଉଥିଲା ଗୁରୁବାରୀ । ଘରର କବାଟଟା କେଁ କରି ଖୋଲିବା ଶବ୍ଦ ଶୁଣି ମୁଣ୍ଡ ଟେକିଲା । ଆଖିରେ ପଟି ବନ୍ଧା ହୋଇଥିବାରୁ ସେ କିଛି ଦେଖିପାରୁନଥାଏ । ସତେ ଯେମିତି କଳା କିଟିକିଟି ଅନ୍ଧାର ଘରେ ସେ ବସିଛି । କିଏ ଜଣେ ଆସି ତା'ପାଖରେ ଖଟରେ ବସିଲା । ଗୁରୁବାରୀ ଲାଜେଇ ଗଲା । ସିଏ ନିଶ୍ଚୟ ତା ମନର ମଣିଷ ହୋଇଥିବ । ଦୁଇହାତରେ ତା'ର ମୁହଁକୁ ଉପରକୁ ଟେକିଲା ସେ । ତାଙ୍କ ପରଶ ପାଇ ଗୁରୁବାରୀର ଦେହ ଶୀତେଇ ଉଠିଲା । ଡାହାଣ ହାତକୁ ପଛ ପଟକୁ ନେଇ ପଟିଟାର ଗଣ୍ଠିକୁ ଖୋଲୁଥିଲେ ସେ । ଗଣ୍ଠିଟା ଗୋଟେ ହାତରେ ଫିଟିଲାନି ତେଣୁ ଦି ହାତକୁ ପଛକୁ ନେଇ ସେ ଗଣ୍ଠିଟାକୁ ଖୋଲୁଥିଲା । ଗୁରୁବାରୀର ଦେହ ଆସାଡ଼ ହୋଇ ଆସୁଥାଏ ।

ଧିରେ ଧିରେ ପଟିଟା ଖସିପଡ଼ିଲା । ଗୁରୁବାରୁ ତଳକୁ ଆଖି ପୋତି ଥାଏ । ତା ମୁହଁକୁ ଧରି ଟେକି ନେଇ ଉପରକୁ ଉଠେଇଲା ତା ମନର ମଣିଷ । ଗୁରୁବାରୀ ଲାଜେଇ ଯାଇ ଚାହିଁଲା ତା ମନର ମଣିଷକୁ ।

'ଇଲୋ...ମା... ଲୋ...'

ଚିତ୍କାର କରି ଗୁରୁବାରୀ ତଳେ ପଡ଼ିଗଲା । ପୁଣି ମୁଣ୍ଡ ଉଠାଇ ବେହୋସ୍ ହେବା ଆଗରୁ ଆଉଥରେ ଚାହୁଁଥିଲା, ତା'ର ବରକୁ । ଡାହାଣ କାନ ନଥିବା ଲୋକଟା ଆଶ୍ଚର୍ଯ୍ୟ ହୋଇ ଚାହୁଁଥିଲା ଗୁରୁବାରୀକୁ ବଲବଲ ହୋଇ ।

# ପ୍ରିୟାର ଠିକଣା



ସୁଶାନ୍ତ କୁମାର ନନ୍ଦ

ଜହ୍ନପାଶେ ଗଲି
ଫୁଲକୁ ମାଗିଲି
ମାଗିଲି ତାରାକୁ କେତେ,
ଜଣେ ହେଲେ କେହି
ପାରିଲେନି କହି
ପ୍ରିୟାର ଠିକଣା ମୋତେ ।୧।
ସପନରେ ମୁହିଁ
ଦେଖିଚି ତ ସେଇ
ନୀଳନୟନାକୁ ଖାଲି,
ସପନେ ହଜେଇ
ମୋ ମନ ଚୋରେଇ
ଯାଇ ଅଛି ସିଏ ଚାଲି ।୨।
ସରଗର ପରୀ
ଅପୂର୍ବା ସୁନ୍ଦରୀ
ସରି ନୁହେଁ ତାକୁ କେହି,
କିଏ ସେ ଗଢ଼ିଚି
କେଉଁଠୁ ଆସିଚି
କୋଟି ରୂପରଙ୍ଗ ନେଇ ।୩।
ଅମାନିଆ ମନ
ଦେଖୁଚି ସପନ
ପାଗଳ ପ୍ରେମୀଟେ ସାଜି,
ଅଜଣା ନାୟିକା
ସାଜିଚି ପ୍ରେମିକା
ଠିକଣା ପାଉନି ଖୋଜି ।୪।

ମୁଖ୍ୟ ସମ୍ପାଦକ ସାଧବ ବୋହୁ,
ମରଡ଼ା ଗୋପୀନାଥପୁର
ସାଲେପୁର
କଟକ-୭୫୪୨୦୩

# ପବିତ୍ର ପାପୀ



ଅନୁପମ କୁମାର ନନ୍ଦ

ସଞ୍ଜବେଳ ହୋଇଥାଏ । ଗାଁଟା ସାରା ଲୋକ ଭିଡ଼ ଜମେଇଥାନ୍ତି ପବିତ୍ର ନନାଙ୍କ ଘର ଦାଣ୍ଡରେ । ଘରଟା ଭିତରେ ପଡ଼ିଥାଏ ଦି ଦି'ଟା ଶବ । ପବିତ୍ର ନନା ଗାଁଟା ଯାକରେ ଜଣିଏ ବ୍ରାହ୍ମଣ । ସବୁ ବାହାଘର, ବ୍ରତଘର, ଶ୍ରାଦ୍ଧ ସେ ହିଁ କରନ୍ତି । ବ୍ରାହ୍ମଣିଆ ଲୋକ ହେଇକି ବି ସେ ଏମିତି କରିପାରିବେ ବୋଲି କେହି ବିଶ୍ବାସ କରି ପାରୁନଥିଲେ । ଗାଁଟା ଯାକରେ ଜଣିଏ ବ୍ରାହ୍ମଣ ହୋଇଥିବାରୁ ସବୁବେଳେ ବାହାରେ ବୁଲୁଥାନ୍ତି, ଘରକୁ ଫେରୁ ଫେରୁ ରାତି ହୋଇଯାଏ । ଏମିତି ଦିନେ ଦିନେ ରାତି ପାଖାପାଖି ୧୨ଟା ହେବ ନନା ଘରକୁ ଫେରିଥାନ୍ତି । ସ୍ତ୍ରୀ ପଚାରିଲେ ଆଜି ଏତେ ଡେରି କଲ ? ନନା ଉତ୍ତର ଦେଲେ ଗୋଟିଏ ଏକୋଇଶିଆ ପୂଜା ଥିଲା ପରା । ନନାଙ୍କ ପାଟି ଖନି ବାଜି ଯାଉଥାଏ, ସ୍ପଷ୍ଟ ବାରି ହୋଇଯାଉଥାଏ ସେ ମିଛ କହୁଛନ୍ତି । ଗାଳି ଭୟରେ ସ୍ତ୍ରୀ ଆଉ ବେଶି କିଛି ପଚାରିଲେନି । ସବୁଦିନ ପରି ତା'ପରଦିନ ସକାଳୁ ସକାଳୁ ଚନ୍ଦନ ଚିତାମାରି ବାହାରି ପଡ଼ିଲେ ନନା, ପଛେ ପଛେ ଲୁଚି ଲୁଚି ଚାଲିଲେ ନନାଙ୍କ ସ୍ତ୍ରୀ । ଖଣ୍ଡେ ବାଟ ଗଲାପରେ ନନା ପଶିଲେ ସନ୍ତିଆ ବାଉରୀ ଘରେ । ତାଙ୍କ ସ୍ତ୍ରୀ ସବୁ ଦେଖୁଥାନ୍ତି, ଲୁଚିକି ଝରକା ଫାଙ୍କରେ ଉଣ୍ଡିଲେ । ଯାହା ଦେଖିଲେ ତାହା ଦେଖିକି କୋଉ ସ୍ତ୍ରୀବା ଭଲା ସହନ୍ତା । ଖଟିଆଟା ଉପରେ ନନା ଆଉ ସନ୍ତିଆ ସ୍ତ୍ରୀ ଥାଆନ୍ତି ଅସଂଯତ ଅବସ୍ଥାରେ । କାନ୍ଦି କାନ୍ଦି ପଳେଇ ଆସିଲେ ଘରକୁ । ଘରେ ଶୋଇଥିବା ୩ ବର୍ଷର ନିରୀହ ଝିଅଟା ପାଟିରେ ଉଇ ମରା ଔଷଧ ବୋତଲଟା ଅଜାଡ଼ିଦେଇ ନିଜେ ଆତ୍ମହତ୍ୟା କରିଦେଲେ । ନନା ଘରକୁ ଆସି ଦେଖନ୍ତି ତ ପଡ଼ିଛି ମା' ଆଉ ଝିଅର ଶବ ଓ କାନ୍ଥରେ ରକ୍ତରେ ଲେଖା ହେଇଛି, 'ମୋ ଭଳି ଅଭାଗିନୀକୁ ବଞ୍ଚିବାର କୌଣସି ଅଧିକାର ନାହିଁ । '

# ବେଳେ ବେଳେ



ସନମ୍ ଦେବୀ

ବେଳେ ବେଳେ ଭାବେ ଏହି ଉଦାସୀ ମନରେ
ହୋଇପାରନ୍ତି କି ମୁଁ କବି କିମ୍ବା କବୟତ୍ରୀ ଜଣେ
ହୃଦୟର ପ୍ରତିଟି ବେଦନା ବର୍ଣ୍ଣିଥାନ୍ତି ମୁଁ କଲମ ମୂନରେ
ପରିବର୍ତ୍ତିତ ସମାଜର ପରିଭାଷା ଥାଆନ୍ତା ମୋର ପ୍ରତିଟି ଶବ୍ଦରେ - ୧

ବେଳେ ବେଳେ ଭାବେ ଏହି ଉଦାସୀ ମନରେ
ହୋଇପାରନ୍ତି କି ମୁଁ ଗାଳ୍ପିକା କିମ୍ବା ଔପନ୍ୟାସିକାଟିଏ
ଅଭାବତ୍ବର ପ୍ରତିଛବି ଥାଆନ୍ତା ମୋ ଗଳ୍ପର ପ୍ରତିଟି ଧାଡ଼ିରେ
ଅବଳାର ଅଶ୍ରୁଧାରା ବର୍ଣ୍ଣିଥାନ୍ତି ମୋ ଉପନ୍ୟାସରେ - ୨

ବେଳେ ବେଳେ ଭାବେ ଏହି ଉଦାସୀ ମନରେ
ପରର ଦୁଃଖ ବୁଝିଲା ଭଳି ଥାଆନ୍ତା କି ମୋର ମନଟିଏ
ହୃଦୟରେ କୋହ ଉଠିଥାନ୍ତା ମୋର ଅନ୍ୟର ବେଦନାରେ
ରାମରାଜ୍ୟର ସ୍ବପ୍ନ ସତ ହୁଅନ୍ତା କି ମୋର ନିକଟ ପ୍ରଭାତରେ - ୩

# ଅଭୁଲା ରାତି



ଅନୁପମ ବେହେରା

କବାଟ ଖୋଲିବାର ଶବ୍ଦ ଶୁଣି ମୋ ନିଦ ଭାଙ୍ଗିଗଲା । ମୁଁ ଉଠିଆସି ଦେଖେ ତ ସେ ଠିଆହୋଇଥିଲା ଦୁଆର ପାଖରେ ।

-କୁଆଡେ ଯାଉଛ ?

କିଛି କହିଲାନି ସେ । ମୁଁହକୁ ତଳକୁ ପୋତି ଠିଆହେଲା ସେଇଠି ।

- କ'ଣ ହେଲା? କିଛି କହୁନ କାହିଁକି? ଏମିତି ମୁଁହ ତଳକୁ ପୋତି ଠିଆ ହେବାର ମାନେ କ'ଣ?

- ମୋତେ ଯିବାକୁ ହେବ ଚନ୍ଦନ ।

- ଫେରିବ କେବେ?

- କେବେ ନୁହେଁ । (କୋହ ଭରା କଣ୍ଠରେ ସେ ଜବାବ ଦେଲା ।)

କିଛି ସମୟ ଚୁପଚାପ୍ ଠିଆ ହେଲାପରେ ମୁଁ ତା ପାଖକୁ ଗଲି । ତା ହାତ ଦିଟାକୁ ଧରି କହିଲି- ମୋ ଆଖିରେ ଆଖି ମିଶେଇ କୁହ ତ ତୁମେ କ'ଣ ସତରେ ମୋତେ ଛାଡି ଯାଇପାରିବ? ମୋର କଣ ଭୁଲ ହେଲା କୁହ । ମୁଁ ପ୍ରୟଶ୍ଚିତ କରିବାକୁ ରାଜି ଅଛି ।

ସେ ଆଖି ଉଠେଇ ଚାହିଁଲା ମୋ ମୁଁହକୁ । ଆଖିରେ ତା'ର ଆଖିଏ ଲୁହ । ମୁଁ ଆଖି ମିଶେଇ ପାରିଲିନି ତା ସାଥେ । ମୁଁହ ତଳକୁ ପୋତିଦେଲି ।

- ଭୁଲ୍ ତୁମର ନୁହେଁ । ସବୁ ଭୁଲ୍ ମୋର । ତୁମକୁ ଦିନେ ଏକା କରି ଚାଲିଯିବି ଜାଣି ବି ତୁମ ସହ ସଂପର୍କ ଗଢିବାଟା ମୋର ଭୁଲ୍ ।
- ତୁମେ ସେମିତି କୁହନି ପ୍ଲିଜ୍...
- ମୋତେ ଭୁଲ୍ ବୁଝିବନି ଚନ୍ଦନ ।
- କିନ୍ତୁ ଏତେ ଦିନର ଭଲପାଇବା, ସଂପର୍କକୁ ଭୁଲି ତୁମେ ଯାଇପାରିବ ? ସତ କୁହ ତ ।
- କଷ୍ଟ ତ ହେବ ମୋତେ । କିନ୍ତୁ ମୋତେ ଯିବାକୁ ହେବ ।
- ଶୁଣ ଆଜି ରାତିଟା ରହିଯାଅ । କାଲି ସକାଳୁ ଯିବ । ଏତେ ରାତି ହେଲାଣି କୁଆଡେ

ଯିବ ?

- ଚନ୍ଦନ ମନେ ଅଛି ତମର । ଏମିତି ଏକ ରାତିରେ ଠିକ୍ ୧ବର୍ଷ ତଳେ ମୁଁ ଆସିଥିଲି ତୁମ ଘରକୁ । ତୁମେ ଏଇଠି ଏମିତି ଉଦାସ ହେଇ ବସିଥିଲ ସୋଫା ଉପରେ । ମୋତେ ଦେଖି ଖୁସିରେ କୁଣ୍ଢେଇପକେଇଥିଲ ଖୁସିରେ । ମୋ ସାଥେ ବନ୍ଧୁତା କରିଥିଲ । ଆମେ ଦୁହେଁ ଦୁହିଁଙ୍କ ସୁଖଦୁଃଖର ସାଥୀ ହୋଇଥିଲେ । ତୁମେ ନିଜର ପ୍ରତିଟି ମୂହୁର୍ତ୍ତକୁ ବାଣ୍ଟିଥିଲ ମୋ ସାଥିରେ । ହୁଏତ ଆମ ସଂପର୍କ ବନ୍ଧୁତାରୁ ଆଗକୁ ଚାଲିଯାଇଥିଲା ।

ତା କଥା ଶୁଣି ମୋ ଗଣ୍ଡଦେଶ ହୋଇଯାଇଥିଲା ଲୋତକପ୍ଲାବିତ । ମୁଁ ଚେଷ୍ଟା କରି ବି ରୋକି ପାରୁ ନ ଥିଲି ଅମାନିଆ ଲୋତକର ଧାରକୁ ।

ସେ କିନ୍ତୁ ଅଟକି ନ ଥିଲା । ସେମିତି କହିଚାଲିଥିଲା ।

- valentine day ରେ ପ୍ରେମରେ ବିଫଳତା ପରେ ତୁମେ ଯେବେ ରୁମରେ ଏକା ଏକା ତକିଆରେ ମୁହଁ ଲୁଚେଇ କାନ୍ଦୁଥିଲ...

-ଠିକ୍ ସେତିକିବେଳେ ତୁମେ ହି ମୋତେ ସାନ୍ତ୍ବନା ଦେଇଥିଲ । କହିଥିଲ ଜୀବନର ପଥ ଅନେକ ଲମ୍ବା । ଆହୁରି ଅନେକ ନୂଆ ନୂଆ ମଣିଷ ଆସିବେ ଜୀବନକୁ । ଏତିକିରେ ଭାଙ୍ଗିପଡିଲେ ଚଳିବ? ତୁମ କଥାରେ କି ଶକ୍ତି ଥିଲା କେଜାଣି ମୁଁ ଲୁହ ପୋଛି ତାକୁ ସବୁଦିନ ପାଇଁ ଭୁଲିଯିବାକୁ ଶପଥ ନେଇଥିଲି । କିନ୍ତୁ ଆଜି ତୁମେ ଚାଲିଗଲେ ମୁଁ ପୁଣି ଏକା ହେଇଯିବି ।

- ତୁମର ମନେ ଅଛି ଚନ୍ଦନ ହୋଲି କଥା...

- ହଁ । ଏଥରର ହୋଲି ତ ବୋଧେ ମୁଁ ସାରା ଜୀବନ ଭୁଲିପାରିବିନି । ମନ ଭରି ହୋଲି ଖେଳିଛି ଏଥର ଗାଁ ସାଙ୍ଗଙ୍କ ସହ ଆତ୍ମା ତୃପ୍ତ ହେଲା ପର୍ଯ୍ୟନ୍ତ ।

-ଆଉ ପହିଲି ବର୍ଷା...

- ପହିଲି ବର୍ଷା, ରଜ ମଉଜ, ପୋଡପିଠା, ରଥ ଯାତ୍ରା, ରାଖି ପୂର୍ଣ୍ଣିମା ସବୁ ମନେ ଅଛି ମୋର ।
- ଆଉ ଦଶହରା ଭସାଣି ବେଳର ନାଚ...
- ଓଃ! ମାଇଣ୍ଡ ବ୍ଲୋଇଙ୍ଗ୍ । କି ମସ୍ତ ନାଚ । ମୁଁ ତ ନାଚି ନାଚି ହାଲିଆ ହେଇଯାଇଥିଲି ।
- ଆଉ ଦୀପାବଳୀ...
- ହୁଁ । ଏଥର ଦୀପାବଳି ମୁଁ ମୋ ପରିବାର ସହ ମନେଇଲି ବହୁତ ଦିନ ପରେ । ତୁମ ପାଇଁ ।
- ଏତେ ଖୁସି ଆମେ ସାଥୀ ହେଇ ମନେଇଲେ । ଆଉ ଆଜି ଡିସେମ୍ବର ୩୧ ଟା କୁ କେମିତି ଭୁଲିଯାଉଛ ।
- ଆରେ ସତେ ତ । ମୁଁ ତ ପୁରାପୁରି ଭୁଲିଯାଇଥିଲି । କିନ୍ତୁ ମୋର ଦରକାର ନାହିଁ ଡିସେମ୍ବର ୩୧ ପାର୍ଟି । ନୂଆ ବର୍ଷର ଅଭିନନ୍ଦନ । ମୋର ଖାଲି ତୁମେ ଦରକାର । ତୁମେ ମୋ ଜୀବନରେ ପୂର୍ଣ୍ଣତା ଭରିଦେଇଛ । ତୁମେ ମୋତେ ଛାଡି...

ସେ ଚାଲିଯାଇଥିଲା । ମୁଁ ନିଃସଙ୍ଗ ହୋଇ ବସିଥିଲି ସୋଫା ଉପରେ । ଏକା ଏକା । କାହିଁ ଚାଲିଗଲା ସେ ? ମୁଁ ମୋ ଅଜାଣତରେ କିଛି ଭୁଲ୍ କରିଦେଇନି ତ ? ଏମିତି ଅନେକ ପ୍ରଶ୍ନ ମୋ ମନ ଭିତରେ ଉଙ୍କିମାରୁଥିଲେ ଓ ମୁଁ ଉତ୍ତର ଖୋଜିଚାଲିଥିଲି । କିନ୍ତୁ କିଛି ଲାଭ ମିଳିଲାନି ।

- ଆଉ କିଛିଟା ଦିନ ତ ମୋ ସାଥେ କାଟିପାରିଥାନ୍ତା ନା । ମୁଁ ମନକୁ ମନ କହିଲି ।

ମୋ ଭାବନାକୁ ଲଗାମ୍ ଦେଲା ଡୋର୍ ବେଲର ଶବ୍ଦ ।

- ଆରେ ଏତେ ରାତିରେ କିଏ ଆସିଲା ।

କାନ୍ଥ ଘଣ୍ଟା ଶବ୍ଦ କରି ସୂଚେଇଦେଲା ଯେ ସମୟ ରାତି ୧୨ଟା ।

ମୁଁ ଯାଇ କବାଟ ଖୋଲିଲି । ଆଗନ୍ତୁକ ଜଣକ ଅଚିହ୍ନା ଲାଗିଲେ ।

- କ୍ଷମା କରିବେ ଚିହ୍ନିପାରିଲିନି | କିଏ ଆପଣ ?
- ମୁଁ ୨୦୧୪ | ଆସିଛି ତୁମ ସୁଖଦୁଖରେ ସହଭାଗୀ ହେବା ପାଇଁ | ତୁମ ଏକେଲାପଣକୁ ଦୂର କରିବା ପାଇଁ |

ମୁଁ ତାଙ୍କୁ ପାଛୋଟି ଆଣିଲି ଘରକୁ | ଦୂର ଆକାଶରେ ୨୦୧୩ ଧିରେ ଧିରେ ଅଦୃଶ୍ୟ ହୋଇଚାଲିଥିଲା ମୋ ଦୃଷ୍ଟି ଆଢୁଆଳରୁ |

# ଜୀବନ ସାଥୀ


ମାନସ କୁମାର ରାଉତ

ଜୀବନ ସାଥୀ ସିଏ
ଆଖି ଲୁହ ଗଡ଼ିଗଲେ
ରଖିଥାଏ ତାର ଆଖିରେ ।

ଖୁସି କରିବାକୁ ନିଜ ଖୁସି ବାଣ୍ଟିଦିଏ
ହସର ବାହାନା କରି ହସେଇବାକୁ ଚାହେଁ
ନିଜ ବାହୁରେ ଜାବୁଡ଼ିଧରି ହୃଦୟରେ ରଖିଦିଏ
ହଜେଇବାକୁ ଚାହେଁନା ପ୍ରିୟର ମଣିଷଟିକୁ ।

ଚାଲିବାକୁ ଜୀବନର କଣ୍ଟାଭରା ରାସ୍ତାରେ
ପାଦରେ ପାଦ ରଖି
ସିଏ ପରା ଜୀବନ ସାଥୀଟିଏ
ହୃଦୟ ଉପରେ ମଥା ରଖି
କହୁଥାଏ ଗୋଟିଏ ପଦରେ
ମତେ ଦୂରେଇ ଦିଅ ନାହିଁ,
ମୁଁ ତୁମର ଜୀବନ ସାଥୀଟିଏ ।

# ଇନ୍ଦ୍ରଧନୁ ପ୍ରିୟା



ସନ୍ତୋଷ ବାରିକ

ଇନ୍ଦ୍ରଧନୁର ଇନ୍ଦ୍ରଜାଲରେ
ହଜିଯାଇଛି ମୋ ପ୍ରିୟା
ଇନ୍ଦ୍ର ପରଶେ ଅହଲ୍ୟା ଯେସନେ
ହଜେଇଥିଲା ତା ହିଆ |

ରୂପ ତା'ର ସତେ କୋଟି କନ୍ଦର୍ପ
କୋଟି କୁବେରର ଶୀରି
ଘୁମନ୍ତ ସୂର୍ଯ୍ୟ ଶ୍ରାବଣୀରେ ଚାହିଁ
ବଜାଇଲେ କୋଟି ଭେରୀ |
ଆକାଶର ସେଇ ସ୍ନିଗ୍ଧ ପଣତେ
ଘଡ଼ିଏ ଦି'ଘଡ଼ି ଠିଆ
ଇନ୍ଦ୍ରଧନୁର ଇନ୍ଦ୍ରଜାଲରେ
ହଜିଯାଇଛି ମୋ ପ୍ରିୟା□
ଜାଣେ ନାହିଁ ପ୍ରିୟା ଦଗାଦିଆ ତୁମେ
ରଙ୍ଗୀନ ପ୍ରଜାପତି
ଛାଡ଼ି ଆସିଅଛ ସମ୍ବାଲୁଆର
ଜୀବନର କରି ଇତି |
ଚପଳମତି ସେ ମୁଗ୍ଧ ରଭସେ
ହଜେଇ ଦେଇଛି ହିଆ
ଇନ୍ଦ୍ର ପରଶେ ଅହଲ୍ୟା ଯେସନେ
ହଜେଇଥିଲା ତା ହିଆ |

Santosh.barik09@gmail.com

# ତା'ର ଶେଷ ଢୋକ



ଶିଳ୍ପଦା ସାମଲ

କେତେଦିନ ଏମତି ଚାଲିବ ସବୁ ମଣିଷ ର ଗୋଟେ ସହିବା ଶକ୍ତି ଅଛି | କାହିଁକି ଆଜି ହଠାତ୍ ୨ବର୍ଷ ପରେ ତୁମେ ଫୋନ୍ କଲ | ଯେତବେଳେ ଏକା ରହିବାକୁ ଚାହୁଁଚି ନିଜ ପାଖକୁ ଟାଣୁଛ | ଯେଉଁ ସମୟରେ ତୁମ ପାଖରେ ଥିଲି ତୁମେ ତ ସେ ସମୟ ତୁମ ଭଲପାଇବା ପାଖରେ ଥିଲ ଯେବେ ସେ ଦୂରେଇ ଗଲା ତ ମୋ କଥା ମନେପଡିଲା | ସେତେବେଳେ ଏକା ତୁମର କିଛି ଦୋଷ ନଥିଲା କିଛି ଭୁଲ୍ ମୋର ବି ଥିଲା | ସେତେବେଳେ ମୁଁ ବି ମୁକ୍ତି ହେବାକୁ ଚାହୁଁ ଥିଲି ତୁମ ପାଖରୁ | ପାରୁନଥିଲି ତୁମକୁ ଆଉ କାହା ହାତ ଧରି ଚାଲିଯିବାକୁ ଦେଖି | ଅବଶ୍ୟ ତୁମେ ମୋ ପାଖକୁ ଆସିବା ବେଳେ ତା ହାତ ହିଁ ଧରି ଆସିଥିଲ ସେଥିଲାଗି ପାରୁନଥିଲି ତୁମକୁ ତା ପାଖରୁ ଛଡେଇ ଆଣି | ପାର୍ଥଙ୍କର କିଛି ବାଟ ଆଗେଇ ଆସିବା ମୋ ଜୀବନରେ ଯେ ସଙ୍କେତ ଦେଇଥିଲା ତୁମ ପାଖରୁ ଦୂରେଇ ଯିବାର | ତୁମେ ବି ମୁକ୍ତ ଥିଲ ମୁଁ ବି ଖୁସି ଥିଲି କାରଣ ନିଜ ବନ୍ଧୁତ୍ୱ ପ୍ରେମକୁ ଛଡେଇବାକୁ ଚାହୁଁ ନ ଥିଲି | ବାସ୍ ତୁମେ ବି ଜିତି ଗଲ ଥର ଟେ ବି ପଚାରିଲନି ଯେ ଯେଉଁ ରାସ୍ତାରେ ଯାଉଛ ବାଟ ଟିକୁ ଠିକ୍ ସେ ଜାଣିଛ କି ନାହିଁ | ଅଜଣା ରାସ୍ତାରେ ଅନ୍ୟ କାହା ହାତ ଧରି ଚାଲିବାର ଠିକ୍ ବର୍ଷେ ପରେ ସେ ରାସ୍ତା ମଝିରେ ଏକା ଛିଡା କରି ଚାଲିଗଲା | ରାସ୍ତା କଠିନ ଥିଲା କିନ୍ତୁ ଅସରନ୍ତି ନ ଥିଲା | ସମାଜ କେବେ କେଉଁ ଝିଅକୁ ଏକା ଶାନ୍ତିରେ ରାଜରାସ୍ତା ଉପରେ ଚାଲିବାକୁ ଦିଏନି ସେଥିଲାଗି ବହୁତ କାପୁରୁଷ ଆସିଲେ ପାଦରେ ପାଦ ମିଶେଇ ରାସ୍ତାର ଶେଷ ଯାଏଁ ଚାଲିବାକୁ | ଆସିଥିଲେ ପ୍ରିୟ ପରିଚୟ ଦେଇ ପରିବହନ ସଂସ୍ଥାର ମ୍ୟାନେଜର ଭାବରେ ନିଜକୁ | ଭାଗ୍ୟର ବିଡମ୍ବନା ସେ ଜଣେ ଅପରାଧି ଆଉ ବଟି ଗୋଟାଉ ଥିବା ଗୁଣ୍ଡାରେ ରହିଗଲେ ଯାହାଙ୍କ ଅସଲ ପରିଚୟ ଦେଇ ଥିଲେ ମୋତେ ମୋ ଜୀବନରେ ସମସ୍ତଙ୍କ ଠାରୁ ଅଧିକ ଭଲପାଉଥିବା କାପୁରୁଷ

ଜଣକ |  ଯିଏ ନିଜ ଜୀବନର ସବୁ ସମୟ ନିଜ ପୁରୁଣା ପ୍ରେମ ଆଉ ନିଶା ଦ୍ରବ୍ୟ ପଛରେ ସାରିଥିଲେ | ସେ କହୁଥିଲା ଦିବ୍ୟା ମୁଁ ତୁମକୁ ବହୁତ ଭଲପାଏ, ମୁଁ ତୁମକୁ ସବୁବେଳେ ଖୁସିରେ ଦେଖିବାକୁ ଚାହେଁ|  କିନ୍ତୁ ତୁମ ପାଖକୁ ଯିବାପାଇଁ ଉପାୟ ପାଏ ନାହିଁ | କେବେ ମୋ ପିଲାବେଳେ ତାଙ୍କୁ ଦେଖିଥିଲି କିନ୍ତୁ ଏବେ ସେ ମୋ ପାଇଁ ଫୋନରେ ହିଁ ସବୁ କିଛି ଥିଲେ |  କେବେ ଦେଖିନି କିନ୍ତୁ ଯେବେ ବି ଭାବିଛି ତାଙ୍କ କଥା ସୁବିଧା କି ଅସୁବିଧା ସମୟରେ ସେ ମୋ ପାଖରେ ଥାନ୍ତି ବାସ୍ ଅନୁଭବ କରିପାରେ ତାଙ୍କୁ |  ସେ  ସବୁବେଳେ ଚାହୁଁଥିଲେ ମୋ ଜୀବନରେ କେହି ଭଲ ପିଲା ଆସୁ ଆଉ ମୁଁ ତାଙ୍କ ପାଖରୁ ଦୂରେଇ ଯାଏ |  ତାଙ୍କ ଖୁସି ଲାଗି ମୁଁ ଜଣେ ଏମିତି ଅଭଦ୍ରର ହାତ ଧରିଥିଲି ଯେକି ଯଣେ ଚିକ୍କଣ ଚୋଠା ଥିଲେ ଯିଏ ମୋ ଜୀବନକୁ ପଇସାର ନିକିତିରେ ତଉଲୁ ଥିଲା | ଯାହାକୁ ଶିଢ଼ି କରି ମୁଁ ଦୀପୁକୁ କହୁଥିଲି ତୁମ ସ୍ବପ୍ନ ସତ ହେଲା ଆଉ ଯେଉଁଥି ପାଇଁ ମୁଁ ଆଉ ଦୀପୁ ଉଭୟ ଜଳୁଥିଲୁ |  କିନ୍ତୁ ତୁମେ ପଚାରିଲନି ଥରଟେ କି ତୁମେ ଖୁସି ଅଛ କି ନାହିଁ |  ସେ ଅଭଦ୍ରକୁ ସବୁ ମାସ ରେ କିଛି ନା କିଛି ପଇସା ଦେବାକୁ ପଡୁଥିଲା କାରଣ ସେ ନିଜକୁ ଏମିତି ବେଲଜ୍ୟା କରି ସାରିଥିଲା ତାକୁ କିଛି କହି ପାରୁ ନ ଥିଲି |  ସେ ଏମିତି ଭଲ ପାଉଥିଲା ଯେ ସେ ଅତି ଲେମ୍ବୁ ଚିପୁଡ଼ିଲେ ପିତା ପରି ଲାଗିଲା |  ବିଚଳିତ ମନ ନେଇ ତା ଠାରୁ ଦୂରେଇବାକୁ ଯାଇ ସୋମ୍ୟଙ୍କ ହାତ ଧରିଥିଲି | ସେ ଯେ ଦୁଇ ଟା ନାଆରେ ପାଦ ରଖି ଚାଲିଥିଲେ | ସେଥିଲାଗି ତାଙ୍କୁ ଆଉ ନାଆକୁ ଛାଡ଼ି ଦେଲି |  ତଥାପି ଦୀପୁ ଥିଲେ ପାଖରେ |  ସେ ବୁଝାଉ ଥିଲେ ସେ କେବେ କୌଣସି କଥାକୁ ଏଡ଼ାଇ ଦିଅନ୍ତିନି ମୋର |  ତା ପରେ କିଛି ଦିନ ପାଇଁ ଆସିଲେ ଜଣେ ଏମିତି ଭଦ୍ର ବ୍ୟକ୍ତି ଯେ ୨ଦିନ ଭଲପାଇଲେ ୩ୟ ଦିନ ବନ୍ଧୁ ହେଲେ ୪ର୍ଥ ଦିନ ମୋର ବନ୍ଧୁ କୁ ଭଲପାଇ ଦୁରେଇ ଗଲେ |  ଏ ସବୁ ମଝି ରେ

ରୁବୁଲ୍ ବାବୁ ବି ଆସିଥିଲେ ସେ ବାବୁ ପୁରା ଅଲଗା ଦୁନିଆର ଲୋକ ଥିଲେ | ତା ପରେ ଭଗବାନଙ୍କ ଦୟାରୁ ଅବଶ୍ୟ ମୁଁ ଘର ମୁହାଁ ଧରି ଯାଇଥିଲି | ସମସ୍ତଙ୍କ ସମ୍ପର୍କକୁ ଏଡେଇ | କାହିଁ ଦିନେ ତୁମର ଥର ଟେ ଫୋନ୍ ଆସିନି | ଦିବ୍ୟା ଭଲଅଛି ବୋଲି | ଆଜି କେଉଁ ଅଧିକାରରେ ନିଜର ଅଧିକାର ଜାହିର କରୁଛ | ଶେଷ ଟା ଢୋକର ସହିତ ଭିଜି ଆସିଥିଲା ଦିବ୍ୟାର ଆଖି | କେତେ କଷ୍ଟ ସେ ସହିଛି କେବଳ ନିଜର ମମୋବଳ ଦୁର୍ବଳ ଥିଲା ବୋଲି | ଆଜି ଯଦି ମନରେ କାହା ପାଇଁ ଭଲପାଇବା ଅଛି ସେ କେବଳ ଦୀପୁ ଲାଗି | ହୁଏତ ମୁଁ ଆଜି ତା ଜୀବନରୁ ୧୦୦ କୋଷ ଦୂରରେ ଥାଇପାରେ କିନ୍ତୁ ସେ ସବୁବେଳେ ମୋ ପ୍ରଚ୍ଛଦ ପଟରେ କେବଳ ସେ ହିଁ ଅଛି | ତା'ର ଭଲପାଇବା ଆଉ ତା ପରିସ୍ଥିତି ଉଭୟକୁ ମୁଁ ବୁଝେ ତା ହସରେ | ତା କଥାରୁ ମୁଁ ତା ମନର ପରିଭାଷା ବୁଝେ | ତା ନିରବତାରେ ବହୁତ କିଛି କହିଯାଏ ସେ | ସେ ସବୁବେଳେ ଗୋଟେ ପ୍ରକାର ଭାରି ପରୋପକାରି | କିନ୍ତୁ ଭାରି ସନ୍ଦେହୀ ସେ | ନିଶା ଆଉ ତା ଜୀବନର କଠୋରତା ତାକୁ ନଷ୍ଟର ରାସ୍ତାକୁ ନେଇଆସିଛି | ବହୁତ ମନେ ପଡୁଛି ତା କଥା | ଜୀବନର ସବୁ ମୋଡରେ ମୁଁ ନିଜକୁ ଏକା ପାଇଛି | ପିଲାଟି ଦିନରୁ ମା ମୋର କେବଳ ଏତିକି ଦାୟିତ୍ବ ବୁଝନ୍ତି ସ୍କୁଲରୁ ଫେରିଲେ ଖାଇବାକୁ ଦିଅନ୍ତି | ମୋର ସବୁ ସମୟ ପଢ଼ାରେ କଟିଲା ବେଳେ ମା ବାପାଙ୍କର ତାଙ୍କ ସୁପୁତ୍ର ଆଉ ନିଜ ପ୍ରତିଷ୍ଠାରେ କଟିଥିଲା | କେବେ ମୋ ସହିତ ଏମିତି ବି ହେଇଛି ମୁଁ ସ୍କୁଲ୍ ପରେ ଘରକୁ ଆସିବାକୁ ଇଚ୍ଛା କରେନି | ବାପା କିଛି ସମୟ ଦିଅନ୍ତି ମୋତେ ମୋ ମ୍ୟାଟ୍ରିକ୍ ସମୟରେ କାରଣ ମୋ ଅଙ୍କ ବହୁତ୍ ଦୁର୍ବଳ ଥିଲା ସେ ଭାବୁଥିଲେ ଯଦି ମୋର ରେଜଲ୍ଟ ଖରାପ୍ ହୁଏ ତ | ଯାହା ବି ହେଉ କିଛି ପାଇଁ ତ ସମୟ ଦେଲେ | ମୁଁ ବହୁତ ସାଧା ସିଧା ଥିଲି ଦେଖିବାକୁ ବି ଏତେ ଭଲ ନୁହେଁ ସେଥିଲାଗି ମା ସବୁବେଳେ ମୋତେ କହନ୍ତି ଟିକେ

ଚାଲାଖ୍ ହୁଅ, ନହେଲେ କେହି ତୋତେ ଜାଣିବେନି | କିନ୍ତୁ ମୁଁ ମାଙ୍କୁ ବୁଝେଇ ପାରେନା କି ମା ପ୍ରଥମେ ମୋତେ ତୁମେ ଜାଣିବା ଉଚିତ | ତା ପରେ ଘରେ ମୋର ଜଣେ ସମ୍ପର୍କୀୟା ଭଉଣୀ ଆସି ରହୁଥିଲା ଯିଏ ମୋ ବିପରୀତ ଥିଲା | ପୁଅ ମାନଙ୍କ ସହ ମିଳାମିଶ ଆଉ ବେଶପୋଷାକରେ ସମୟ ବିତାଇବା ହିଁ ତା'ର ଜୀବନ | ଆସ୍ତେ ଆସ୍ତେ ସମସ୍ତଙ୍କ ପାଖରୁ ଦୂରେଇ ଚାଲିଲି ମୁଁ | ସାନ ଭାଇ ତ ମା ଙ୍କ ପାଖରେ ରହୁଥିଲା | ସମସ୍ତଙ୍କ ଭିତରେ ଥାଇ କି ବି ଏକା ହେଇଚାଲିଥିଲି ମୁଁ | ମୋ ସାଙ୍ଗ ମାନେ ହିଁ ଥିଲେ ମୋ ପାଖରେ | +୨ ପରେ ଘରେ ରହିବାଟା ଆଉ ସମ୍ଭବ ନଥିଲା ମୋ ଲାଗି | ହଷ୍ଟେଲ୍‌ରେ ରହି ମୁଁ ନିଜ ପାଇଁ ସାଥିଟିଏ ଖୋଜି କେବଳ ଧୋକା ଦେଉଥିବା ଲୋକ ମାନଙ୍କ ପାଖରେ ପଡ଼ିଲି | କିନ୍ତୁ ବହୁତ ସତର୍କ ଥିଲି ମୁଁ | ବାହାରେ କାହା ସହିତ ଏତେ ମିଶେନି | ୫ବର୍ଷ କେମିତି କଟିଲା ମୁଁ ଜାଣିନି | ଆଉ ଯାହା ଜାଣିଛି କେତେ ସ୍ୱାର୍ଥପର ସାଙ୍ଗ ଆଉ କିଛି କାପୁରୁଷଙ୍କ ମିଛ ପ୍ରେମ | ଘରକୁ ଆସିଲା ପରେ ମା ମୋତେ ଗୋଟେ ଦିନ ଠିକ୍ ଏମିତି କଥା କହିଲେ ମୁଁ କିଛି କ୍ଷଣ ଲାଗି ବୁଝିପାରିଲିନି କଣ କରିବି | ଖାଲି ବାସ୍ ଏତିକି କହିଦେଇଛି କି ପୁଅ ଲାଗି ଅଧିକ ଚିନ୍ତା | ନିଜ ଗାଲରେ ମାଡ଼ ଖାଇ ମୋତେ ଦୋଷି ବନେଇଦେଲେ ବାସ୍ ନିଜକୁ ଅପରାଧି ଲାଗିଲା | ମା ରହୁଥିଲେ ତାଙ୍କ ପୁଅ ପାଖରେ ଆଉ ବାପା ରହୁଥିଲେ ତାଙ୍କ କର୍ମକ୍ଷେତ୍ରରେ | ବାପା ମୋତେ ତାଙ୍କ ପାଖରେ ରଖିବାକୁ ରାଜି ନଥିଲେ କି ମା କି ଭାଇ ତାଙ୍କ ପାଖରେ ରଖିବାକୁ ରାଜି ନ ଥିଲେ | କାରଣ ମା ଭାବୁଥିଲେ ପୁଅ କଥା ଆଉ ବାପା ତାଙ୍କ ପରିବାର କଥା | ଚାକିରି ପାଇଲା ଯାଏଁ ଚୁପ୍ ରହିଥିଲି | ଯେତବେଳେ ଚାକିରି ମିଳିଲା ମା'ଙ୍କ ଦେହ ଟିକେ ଟିକେ ଖରାପ ହେଇ ଥିଲା ସେ କାମ ବେଶୀ କରିପାରୁ ନଥିଲେ | ସେଥିଲାଗି ସେ ଚାହୁଁଥିଲେ ମୁଁ ତାଙ୍କ ପାଖରେ ରହେ ତାଙ୍କ ମେଡିସିନ୍ ତାଙ୍କ

ପୁଅର ଟିଫିନ୍ ଟା ଜଳଖିଆ ଲାଗି ଲୋକ ଦରକାର ଥିଲେ | ସେଥିଲାଗି ସେ ମୋତେ ଏବେ ଛାଡ଼ିବାକୁ ନାରାଜ୍ ଥିଲେ | ବାପାଙ୍କୁ ବି ସେମତି କିଛି କାରଣ ଲାଗି ମୁଁ ଦରକାର ଥିଲି | ସେ ସମୟରେ ଉଭୟ ମୋତେ କହିଲେ ପଳାୟନ ପନ୍ଥି ପରି ଆମ ଅସୁବିଧା ସମୟରେ ଆମକୁ ଛାଡିକି ଯିବାକୁ ବସିଛୁ | ନିରବ ଥିଲି ମୁଁ | ବାସ୍ ରହିଗଲି କିଛିଦିନ ମାଙ୍କ ପାଖରେ ତ କିଛିଦିନ ବାପାଙ୍କ ପାଖରେ | କେବେ ମୁହଁ ଖୋଲି କିଛି ମାଗିଲେ ମା କହିବେ ଚାକିରି କରି ନିଜେ କିଣି | ମୁଁ ଉତ୍ତରରେ କହିପାରେନି କି ଆପଣ ମାନେ ଯିବାକୁ ଦେଲେନି | ମା ବାପାଙ୍କ ଭିତରେ ଆଉ ଆଗ ପରି କିଛି ନଥିଲା କଥା କଥାରେ ଝଗଡା ହେଉଥିଲା | ମା ଏବେ ବାପାଙ୍କ ବିରୋଧରେ ବହୁତ କଥା କହୁଥିଲେ ମୋତେ | ତୋ ବାପା ଏଇଆ କଲା ମୋ କଥା ବୁଝୁନି ଏ ମମିତି ବହୁତ କିଛି | ବହୁତ ପ୍ରକାର ନାଟକ ବାସ୍ ସବୁଦେଖେ ସହେ ମଣିଷଟିଏ ମୁଁ ବୋଲି ନିଜ ମନ ଭିତରେ ଚିତ୍କାର କରେ | ଲୁଚି ଲୁଚି କାନ୍ଦେ ମୁଁ ନିଜ ଲାଗି ଖୋଜେ ମୁଁ ନିଜକୁ | ସବୁ ପରେ ମୋ ଜୀବନର ଗୋଟେ ଖୁସିଥିଲା ଶାନ୍ତିରେ ସଂନ୍ଧ୍ୟାରେ ଶେଷ ଟା ଢୋକ ପର୍ଯ୍ୟନ୍ତ ଟା ପିଇବାଟା | ବାକି କିଛି ନଥିଲା ଏ ମୁଲ୍ୟ ହୀନ ଜୀବନରେ |

# ସାହିତ୍ୟ ଓ ପୁରସ୍କାର



ସୁଷମା ତ୍ରିପାଠୀ

ଆଜିର ସାହିତ୍ୟ ତଥା ପୁରସ୍କାର । ବର୍ତ୍ତମାନର ସମୟରେ ପୁରସ୍କାର ଏକ ବିଶେଷ ସ୍ଥାନ ଅଧିକାର କରି ବସିଛି । କେବଳ ସାହିତ୍ୟ କାହିଁକି ଯେକୌଣସି କ୍ଷେତ୍ରରେ ପୁରସ୍କାର ଏକ ସ୍ବତନ୍ତ୍ର ଆସନ ନେଇସାରିଛି । ପ୍ରତିଭା ମାନଂକୁ ଉତ୍ସାହିତ କରିବା ପାଇଁ ଏହା ଏକ ସାମାଜିକ ପ୍ରୋତ୍ସାହନ ବୋଲି ଧରି ନିଆଯାଇଛି । ତେବେ ପୁର୍ବ ସମୟ ମାନଂକ ରେ ଏହିପରି କୌଣସି ବ୍ୟବସ୍ଥା ଯେ ନ ଥିଲା ,ସେ କଥା ନୁହେଁ ,କିନ୍ତୁ ବର୍ତ୍ତମାନ ପୁରସ୍କାର ର ମର୍ଯ୍ୟାଦା, ପ୍ରତିଭା କୁ ବଳି ଗଲା ପରି ଲାଗୁଛି । ଜନ ମାନସରେ ପୁରସ୍କାର ଅଧିକ ଗୁରୁତ୍ବପୂର୍ଣ୍ଣ ହେବା ପରି ଲାଗୁଛି । ଅଧିକାଂଶ କ୍ଷେତ୍ରରେ ବ୍ୟକ୍ତି ବିଶେଷମାନେ ମଧ୍ୟ ପୁରସ୍କାରକୁ ନିଜ ନିଜ କାର୍ଯ୍ୟର ଏକ ମାପକାଠି ହିସାବରେ ଗ୍ରହଣ କରି ନେଉଛନ୍ତି । ଯଦିକେହି ନିଜ ସଫଳତାରେ ପୁରସ୍କୃତ ନ ହେଲା ,ତେବେ ସେହି କାର୍ଯ୍ୟକୁ ଉପଯୁକ୍ତ ସ୍ବୀକୃତି ମିଳିଲା ନାହିଁ ବୋଲି ଏକ ଭାବାନ୍ତର ସୃଷ୍ଟି ହେଉଛି । ପୁରସ୍କାର ବିଶେଷତଃ ଏକ ରକମର ବ୍ୟାଧି ହୋଇପଡିଛି ।

ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ପୁରସ୍କାର ପାଇଁ ଲାଳାୟିତ । ଶିଶୁଟିଏ ଠିକ୍ ଭାବରେ କଥା କହି ଶିଖିବା ପୁର୍ବରୁ ମଧ, ତାକୁ ଉତ୍ସାହିତ କରିବା ବାହାନାରେ ପୁରସ୍କୃତ କରାଯାଉଛି । ଅଥଚ ସମସ୍ତେ ଭୁଲି ଯାଉଛନ୍ତି, ଯଦି ଏକାଧିକ ପିଲାଙ୍କ ଭିତରୁ ଗୋଟିଏ, ଦୁଇଟି ବା ତିନୋଟି ପିଲାଙ୍କୁ ପୁରସ୍କୃତ କରାଯାଏ ତେବେ ବାକି ପିଲାମାନଙ୍କୁ ନିରାଶିତ ହେବାକୁ ପଡ଼ିବ । ତେବେ ସାମୁହିକ ଭାବରେ ପୁରସ୍କାର ଶିଶୁଟିକୁ ଉତ୍ସାହିତ କରିବା ଦିଗରେ ସାହାଯ୍ୟ କରିବା ନା ମାନସିକ ବିଷାଦ ସୃଷ୍ଟି କରିବାରେ ସାହାଯ୍ୟ କରିବ ତାହା ଆଲୋଚନାର ବିଷୟ ।ଅନ୍ୟ ପକ୍ଷରେ ମଧ ଦେଖା ଯାଇଥାଏ, ପୁରସ୍କାର କାହାକୁ ଦିଆଯିବ, ତାକୁ ପ୍ରଭାବିତ କରିବା ପାଇଁ, କିଛି ବ୍ୟକ୍ତି ଯଥା ସାଧ ଚେଷ୍ଟା ଚଳାଇଥାନ୍ତି ।

ଶିଶୁଟିଏ, ସ୍ରଷ୍ଟାର ଏକ ଅନବଦ୍ୟ ସୃଷ୍ଟି, ଏକ ସମ୍ଭାବନା, ଏକ ପ୍ରସ୍ଫୁଟିତ କଢ ସ୍ବରୁପ, ତାକୁ ଚାହିଁଲେ ମଧ କେହି ପୁରସ୍କୃତ କରିପାରିବେ ନାହିଁ । ସେ ସ୍ବୟଂ ଏକ ପୁରସ୍କାର, ଉଭୟ ପିତାମାତା ଓ ସମାଜ ପାଇଁ । ସେ ଫୁଟିବା ପାଇଁ ହିଁ ସୃଷ୍ଟି ହୋଇଛି ।

ତାର ପ୍ରସ୍ଫୁଟିତ ହେବା ଅନ୍ତରାଳରେ ସୃଷ୍ଟି ନିଜେ କାର୍ଯରତ  | ଆମେ କେବଳ ତାକୁ ଦେଇ ପାରିବା ଆଦର ଆଉ ଯତ୍ନ, ଯାହାକି ଆମର କର୍ତ୍ତବ୍ୟ  |

ଠିକ୍ ସେହିପରି ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ର ଭଳି ସାହିତ୍ୟ ମାନବ ସମାଜ ପାଇଁ ସ୍ବୟଂ ଏକ ପୁରସ୍କାର  | ଭୂପୃଷ୍ଠରେ ଗଙ୍ଗାର ପ୍ରବାହ ଯେପରି ଜଡ଼ ପିଣ୍ଡରେ ପ୍ରାଣର ସଂଚାର କରାଇ ପାରିଥିଲା, ସେହିପରି ସାହିତ୍ୟ ନିମଜ୍ଜିତ ଅବଚେତନକୁ ଉଦ୍ରିକ୍ତ କରିଥାଏ  |

ଏଠାରେ ମହାଭାରତର ରଚନା କୁ ସ୍ମରଣ କରାଯାଇପାରେ, ଯାହାକି ବ୍ୟାସଦେବ ଗାଇ ଚାଲିଥିଲେ, ଆଉ ଭଗବାନ ଗଣେଶ ଲେଖି ଚାଲିଥିଲେ  | ପ୍ରଭୁ  ଗଣେଶଙ୍କର ଏକ ବିଶେଷ ସର୍ତ୍ତ ଥିଲା ଯେ, ସେ ଲେଖିଲା ବେଳେ ତାଙ୍କ ଲେଖନୀ ଅଟକିବ ନାହିଁ  | ତେଣୁ ବ୍ୟାସଦେବ ମଧ ସର୍ତ୍ତ ରଖିଥିଲେ ପ୍ରଭୁ ଗଣେ ନ ବୁଝି କିଛି ଲେଖିବେ ନାହିଁ, ବୁଝିସାରି ଲେଖିବେ  | ବ୍ୟାସଦେବ ମଝିରେ ମଝିରେ କଷ୍ଟ କଷ୍ଟ ଶ୍ଳୋକ ଡାକି ଦିଅନ୍ତି , ପ୍ରଭୁ ଗଣେଶ ତାକୁ ବୁଝିବା ଭିତରେ, ସେ ପରବର୍ତ୍ତୀ ଶ୍ଳୋକମାନ ଭାବିନିଅନ୍ତି |

କେବଳ ଏତିକି ନୁହେଁ, 'ବେଦ' ଯାହାକୁ ସବୁଠାରୁ ପ୍ରାଚୀନ ସାହିତ୍ୟ ହିସାବରେ ଗ୍ରହଣ କରାଯାଏ, କୁହାଯାଏ  ତାହା ଭାଗବାନଙ୍କ ମୁଖନିଃସୃତ ବାଣୀ  | ଆଉ ଉପନିଷଦ ମାନଙ୍କର ରଚୟିତା ଥିଲେ, ମହାନ୍ ଋଷିଗଣ, ଯାହାକି ସେମାନେ ସୃଷ୍ଟି କରିଥିଲେ ସେମାନଙ୍କର ତପ ଆଉ ସାଧନା ଫଳରେ  | ତେବେ ସାହିତ୍ୟ ଯେ ସୃଷ୍ଟି ପ୍ରତି ସ୍ରଷ୍ଟାଙ୍କର ଅନବଦ୍ୟ ଉପହାର ଏଥିରେ ସନ୍ଦେହ ନାହିଁ  | ଦିବ୍ୟ କରୁଣାରୁ ଯେଉଁ ସାହିତ୍ୟ ସ୍ରୋତର ଉତ୍ପତ୍ତି, ସେହି ଦିବ୍ୟ କରୁଣାକୁ ଗ୍ରହଣ କରି ତାକୁ ଯଥାସାଧ ରୂପଦେବା ପାଇଁ ମଧ ଆବଶ୍ୟକ ଥାଏ ବିଶେଷ ସାଧନା  | ଯେମିତି ଦିବ୍ୟ କରୁଣାର ଏହି ଉପହାରଟିକୁ ପ୍ରସ୍ତୁତ କରିବା ପାଇଁ ଲାଗି ପଡ଼ିଥିଲେ ମହାମୁନି ବ୍ୟାସ ଆଉ ତାଙ୍କ ସଙ୍ଗେ ବିଘ୍ନ ବିନାଶକ ଶ୍ରୀ ଗଣେଶ |

ପ୍ରାଚୀନ ଭାରତୀୟ ପ୍ରଥା ଅନୁସାରେ ଖଡ଼ିଛୁଆଁ ଆରମ୍ଭ ହୋଇଥାଏ ଗଣେଶ ଓ ସରସ୍ବତୀଙ୍କ ପୁଜାର୍ଚ୍ଚନା ତଥା, ବ୍ରହ୍ମା, ବିଷ୍ଣୁ, ଶିବ(୦,୦,୦)ଙ୍କ ପାଖରୁ  | ଦେବୀ ସରସ୍ବତୀ ହିଁ

ସାହିତ୍ୟର ଅଧିଷ୍ଠାତ୍ରୀ ଦେବୀ |

କାଳିଦାସ, ଶାରଳା ଦାସଙ୍କ ଭଳି ମହାନ୍ ସାହିତ୍ୟିକମାନେ  ବର୍ଣ୍ଣନା କରିଯାଇଛନ୍ତି, ଦେବୀଙ୍କ କୃପାରୁ ସେମାନଙ୍କ ମହାନ୍ କୃତି ସବୁ ସମ୍ଭବ  | ସେଥିପାଇଁ ସେମାନେ ମା'କାଳୀଙ୍କର ଦାସ କାଳିଦାସ ଓ ମା' ସାରଳାଙ୍କର ଦାସ, ସାରଳା ଦାସ ଭାବରେ ପରିଚିତ, ପୂର୍ବ ନାମ ବିସ୍ମୃତ  | ରାମକୃଷ୍ଣ ପରମହଂସଙ୍କର ଭାଷାରେ ଏ ପ୍ରକୃତି ସ୍ବୟଂ ଏକ ପୁସ୍ତକ, ଏହାକୁ ପଢ଼ି ପାରିଲେ କୌଣସି ପାରମ୍ପରିକ ଶିକ୍ଷାର ପ୍ରୟୋଜନ ନାହିଁ |

ତେବେ ସମାଜରେ ଯାହା ଦରକାର ତାହା ହେଲା ସାହିତ୍ୟର ଆଦର, ସମ୍ମାନ ତଥା ତାର ମର୍ଯାଦା  | କିନ୍ତୁ ଏଥି ପାଇଁ ଦରକାର, ତାକୁ ବୁଝିବା, ଉପଲବ୍ଧି କରିବା, ହୃଦୟଙ୍ଗମ କରିବା  | ଯିଏ ସାହିତ୍ୟକୁ ବୁଝେ ନାହିଁ, ଉପଲବ୍ଧି କରେ ନାହିଁ, ସେ କିଭଳି ତାକୁ ଆଦର କରିବ ? ସମ୍ମାନ କରିପାରିବ ? ମର୍ଯାଦା କରିପାରିବ?

ଯେତେବେଳେ ଉପଯୁକ୍ତ ବ୍ୟକ୍ତିଟିଏ ସମ୍ମାନିତ ହୋଇନଥାଏ, ଜନମାନସରେ ଆଲୋଡ଼ନ ସୃଷ୍ଟି ହେବା ଏକ ସ୍ବାଭାବିକ କଥା  | ସେହି ହେତୁରୁ ଅନେକ ପୁରସ୍କାର ସମୟର ଗତିରେ ନିଜର ମର୍ଯାଦା ହରାଇ ବସୁଛନ୍ତି  | କିନ୍ତୁ ସାହିତ୍ୟ ସଦା ସର୍ବଦା ମାନବ ସମାଜକୁ ନିଜ ଆଲୋକରେ ଆଲୋକିତ କରି ଚାଲିଛି  | ବ୍ୟକ୍ତି ହେଉ ବା ଜାତି ହେଉ ତାର ପରିଚୟ ହେଲା ତାର ସାହିତ୍ୟ  | କଲମ ମୁନରେ ଦୁଇ ଧାଡ଼ି ଗାରେଇଦେଲେ ଯେ ତାହା ସାହିତ୍ୟର ନାମ ବହନ କରିଥାଏ, ସେଭଳି ଚିନ୍ତାଧାରା ଠିକ୍ ନୁହେଁ  | ଅନେକ ସାହିତ୍ୟିକ ସେମାନଙ୍କ ଜୀବନରେ ପୁରସ୍କାର ପାଇବା ତ ଦୁରର କଥା, ହୁଏତ ତାଙ୍କ ଜୀବନକାଳ ମଧ୍ୟରେ ଆଖିଦୃଶିଆ ଭାବରେ ଲୋକଲୋଚନକୁ ଆସି ପାରି ନ ଥିବେ, କିନ୍ତୁ ତାର ମାନେ ନୁହେଁ  ସାହିତ୍ୟ ପ୍ରତି ସେମାନଙ୍କର ଅବଦାନ ବା ସାହିତ୍ୟ କ୍ଷେତ୍ରରେ ସେମାନଙ୍କର ଭୂମିକା କିଛି କମି ଯାଇଛି |

ସାହିତ୍ୟକୁ ସମାଜର ମେରୁଦଣ୍ଡ କହିଲେ କିଛି ଅତ୍ୟୁକ୍ତି ହେବନାହିଁ  | ବ୍ୟକ୍ତି ହେଉ ବା ଜାତି ହେଉ ତାର ଉନ୍ନତିର ପରିପ୍ରକାଶ ସାହିତ୍ୟ ମାଧ୍ୟମରେ ହିଁ ହୋଇଥାଏ  | ବିନା

ସାହିତ୍ୟରେ ଯେଭଳି ଏକ ବିକାଶନ୍ମୁଖୀ ଚେତନାଶୀଳ ମନୁଷ୍ୟ ସମ୍ଭବ ନୁହେଁ, ସେହିଭଳି ବିନା ସାହିତ୍ୟରେ ଏକ ଜାତୀୟ ସତ୍ତା ମଧ୍ୟ ସମ୍ଭବ ନୁହେଁ । ଏକ ଅନୁନ୍ନତ ବ୍ୟକ୍ତି ବା ଜାତିକୁ ପାଥେୟ କରି ଏକ ଉନ୍ନତ ସମୃଦ୍ଧ ସାହିତ୍ୟର ପରିପ୍ରକାଶ ସମ୍ଭବ ନୁହେଁ ।

ସମାଜରେ ସାହିତ୍ୟର ଆଦର ,ସାହିତ୍ୟକୁ କରିଥାଏ ସମୃଦ୍ଧ । ଅପର ପକ୍ଷରେ ସାହିତ୍ୟର ଆଦର କମିଗଲେ, ତାର ସମୃଦ୍ଧତାକୁ ନେଇ ସୃଷ୍ଟି ହୋଇଥାଏ ପ୍ରଶ୍ନବାଚୀ । ଠିକ୍ ଯେମିତି ଓଡିଆ ଭାଷା ସାହିତ୍ୟ ସମୃଦ୍ଧ ହୋଇ ଚାଲିଥିଲା, ସାରଳା, ଜଗନ୍ନାଥ, ବଳରାମ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ଗୋପାଳକୃଷ୍ଣ, ଅଭିମନ୍ୟୁ ସାମନ୍ତ ସିଂହାର, ଦୀନକୃଷ୍ଣ, କବି ସୂର୍ଯ୍ୟ ବଳଦେବ ରଥ, ଯଦୁମଣି, ଉପେନ୍ଦ୍ର ଭଞ୍ଜ, ଇତ୍ୟାଦି ମାନଙ୍କ ଭଳି ମହାନ୍ ସାହିତ୍ୟିକ ମାନଙ୍କର ସାହିତ୍ୟ କୃତି ସବୁ ନେଇ । ଅଥଚ ପରବର୍ତ୍ତୀ ସମୟରେ କୌଣସି କାରଣରୁ ସାହିତ୍ୟ ପ୍ରତି ଉଦାସୀନତା, ସମସାମୟିକ ଭାଷା ସାହିତ୍ୟ କ୍ଷେତ୍ରରେ ଦେଖାଦେଇଥିଲା ଶୁନ୍ୟସ୍ଥାନ । ଯେଉଁ ଶୁନ୍ୟସ୍ଥାନକୁ ପୂରଣ କରିବା ପାଇଁ ଆଜିର ସାହିତ୍ୟ ତଥାପି ଉଦ୍ୟମରତ । ଏପରିକି ପ୍ରାଚୀନ ବିଜ୍ଞାନ ସାହିତ୍ୟ, ଗଣିତ ସାହିତ୍ୟ ଇତ୍ୟାଦି ଲୁପ୍ତ ପୁଣି କିଛି କିଛି ଲୋକଲୋଚନର ଅନ୍ତରାଳରେ । ଏଭଳି ଏକ ସଂକଟମୟ ଅବସ୍ଥା ଦେଇ ଏହି ଭାଷା ସାହିତ୍ୟକୁ ଗତି କରିବାକୁ ପଡିଥିଲା ଯେତେବେଳେ କି ତାର ସମୃଦ୍ଧତାକୁ ନେଇ ଉଠିଥିଲା ପ୍ରଶ୍ନବାଚୀ ।

ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଭାଷାରେ, 'ଗୌରୀ ଶଂକର ଯେତେବେଳେ ଶିଶୁ ସେତେବେଳେ ଏ ଦେଶର ସାଧାରଣ ଶିକ୍ଷା କିପରି ଥିଲା ,ସେ ବିଷୟରେ ଏତିକି କହିଲେ ଜଣାଯିବ ଯେ,ଆଜିକାଲି ପରି ଗୋଟିଏ ପାଠଶାଳା ବା ପ୍ରାଥମିକ ବିଦ୍ୟାଳୟ କେଉଁଠି ସେ ସମୟକୁ ବସିନଥିଲା । ଓଡ଼ିଆ ତାଳପତ୍ର ପୋଥି ଏବଂ ପାରସୀର ହାତଲେଖା ହରିତାଳ କାଗଜ କିତାପ ଛଡା ଦେଶୀୟ ଭାଷାରେ ଛାପା ପୁସ୍ତକ କିଛି ଦେଖାଯାଇନଥିଲା ।'

ଓଡିଆ ଭାଷା ସାହିତ୍ୟର ଏଭଳି ସଂକଟପୂର୍ଣ୍ଣ ଅବସ୍ଥାରେ ସଂଗ୍ରାମର ନେତୃତ୍ୱ ନେଇଥିଲେ ଗୌରିଶଙ୍କର ରାୟ, ଫକୀରମୋହନ ସେନାପତି, ରାଧାନାଥ ରାୟ,

ଗଂଗାଧର ମେହେର୍, ନନ୍ଦ କିଶୋର ବଳ, ମଧୁସୂଦନ ରାଓ, ଲକ୍ଷ୍ମୀକାନ୍ତ ମହାପାତ୍ର , ଗୋଦାବରୀଶ ମିଶ୍ର ପ୍ରମୁଖ ବିଶିଷ୍ଟ ସାହିତ୍ୟିକ ମାନେ |

ତେବେ ଏହା ତ ଥିଲା ସାହିତ୍ୟର ଏକ ନିର୍ଦ୍ଦିଷ୍ଟ ଭାଷାର ଏକ ସ୍ବତନ୍ତ୍ର ପରିସର | ସାହିତ୍ୟର ପରିସର ସାଗର ଭଳି ବ୍ୟାପକ, ଯାହାର ଆଦି ଆଉ ଅନ୍ତକୁ କଳନା କରିବା ଦୁରୁହ ବ୍ୟାପାର | ତେଣୁ ଏ ବିଷୟରେ ଯେତେ ଆଲୋଚନା କଲେ ମଧ ତାହା ସମୁଦ୍ର କୁ ଶଂଖେ ପାଣି ତୁଲ୍ୟ ଜଣାଯିବ |

ସାହିତ୍ୟ କେବଳ ବ୍ୟକ୍ତିର ନୁହେଁ ଜାତିର ମଧ ପରିଚୟ | ଗୋଟିଏ ଜାତିର ଦୁର୍ଗତି ସମୟରେ ତାର ସମସାମୟିକ ପରିସ୍ଥିତି ସହିତ ମୁକାବିଲା କରି ଆଗକୁ ଅଗ୍ରଗତି କରିବାରେ, ସାହିତ୍ୟ ନେଇଥାଏ ବିଶେଷ ଗୁରୁତ୍ବପୂର୍ଣ୍ଣ ଭୁମିକା | ସେଥିପାଇଁ ଅସୀ ସହିତ ମସୀର ତୁଳନା କରି କୁହାଯାଇଛି ଅସୀ ଠାରୁ ମସୀ ଅଧିକ ଶକ୍ତିଶାଳୀ | ଜାତିର ଅଭ୍ୟୁତ୍ଥାନ, ବିକାଶ, ତାର ପ୍ରଗତି, ଏହା ସହିତ ସାହିତ୍ୟ ଓତଃପ୍ରୋତଃ ଭାବରେ ଜଡ଼ିତ |

ପାଠକ ସର୍ବଦା ସାହିତ୍ୟର ଅନୁଶୀଳନ କରିବା ଯଥାର୍ଥ | କିନ୍ତୁ ଏହି ଅନୁଶୀଳନର ମାଧମ, ପୁରସ୍କାର ନୁହେଁ, ପାଠକର ଚେତନା ଶକ୍ତି ହେବା ଉଚିତ୍ | ସମାଜରେ ସାହିତ୍ୟର ଆଦର ତଥା ସାହିତ୍ୟର ମର୍ଯ୍ୟାଦା ବଢିବା ଉଚିତ୍ | ଅପରପକ୍ଷରେ, ବ୍ୟକ୍ତିର ଚେତନାର ସ୍ତରକୁ ସୋପାନ ପରେ ସୋପାନ ଅତିକ୍ରମ କରିବାରେ ସାହିତ୍ୟ ଯେଉଁ ପ୍ରମୁଖ ଭୁମିକା ତୁଲାଇଥାଏ ତାହାକୁ ଅବଜ୍ଞା କରାଯାଇପାରିବ ନାହିଁ |

ଆହ୍ୱାନର ଆଗାମୀ ସଂସ୍କରଣ ହେବ ପ୍ରେମ କଥା ଓ କବିତା ପାଇଁ । ନିଜ ଦ୍ୱାରା ଲିଖିତ ପ୍ରେମ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

**aahwaan@gmail.com**

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩/୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା -

aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**If you are interested to post your Business classified ads in different pages on this e-Magazine, do please contact us. We also offer full page and half page advertisements as well as we welcome sponsors for different stories and articles and also patrons for the e-Magazine.**

**aahwaan@gmail.com / 9040985463**

**News Site @ Rs 15,000, School / College Site @ Rs 12,000**
**MLM Website @ Rs 25,000, Domain Registration @ Rs 99**
**Free Updation and Maintenance of Your Website**
**Multi-lingual (Odia, English, Hindi) site at no extra cost**

---

*For all your website related needs*

# Web Design
# Web Development
# Web Hosting
# MLM site script
# News Site script
# Domain Registration
# Dynamic User site script

---

**Visit our website / give us a call: -**

## WWW.ODIAGURU.COM / 90409 85463